ବର୍ଷ-୨୪, ସଂଖ୍ୟା-୧୦୦
ଭୁବନେଶ୍ୱର
୨୯ ଏପ୍ରିଲ, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 100
Bhubaneswar
29 April, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡ଼ିଶାରେ ଲୋକେ ମନ ବଦଳାଇଲେଣି : ନଡ୍ଡା

**ବ୍ରହ୍ମପୁର,୨୮।୪(ମହାଭାରତ):** ନିକଟରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ସୋନପୁରରେ ବିଜୟ ସଂକଳ୍ପ ସମାବେଶ ଜରିଆରେ ଦଳୀୟ ନେତା ଓ କର୍ମୀଙ୍କ ଉତ୍ସାହ ବଢାଇଥିବାବେଳେ ଆଜି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ବ୍ରହ୍ମପୁରରେ ଜନସଭାକୁ ସମ୍ବୋଧିତ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀ ନଡ୍ଡା ଓଡ଼ିଶାରେ କେନ୍ଦ୍ର ଯୋଜନାକୁ ଲାଗୁ କରିବାକୁ ନଦେବା କାରଣରୁ ରାଜ୍ୟ ସରକାରଙ୍କୁ କଡା ଟାର୍ଗେଟ କରିଛନ୍ତି।

ଶ୍ରୀ ନଡ୍ଡା କହିଛନ୍ତି ଯେ, ଲୋକଙ୍କ ଉତ୍ସାହରୁ ଏହା ସ୍ପଷ୍ଟ ହେଉଛି ଯେ, ଏଥର ଓଡ଼ିଶାରେ ସରକାର ବଦଳିବ। ଲୋକେ ବୁଝିଲେଣି ଯେ, ଯେଉଁ ବିକାଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀରେ କରୁଛନ୍ତି, ତାହାର ସଠିକ ଭାବେ ରୂପାନ୍ତର କରିବା ପାଇଁ ଓଡ଼ିଶାରେ ବି ଭାରତୀୟ ଜନତା ପାର୍ଟିର ସରକାର କରିବା ଦରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ରାଜନୀତିର ସଂସ୍କୃତି ଓ ପରିଭାଷାକୁ ବଦଳାଇ ଦେଇଛନ୍ତି । ପୂର୍ବରୁ ଏହି ମାନସିକତା ଥିଲା ଯେ, ଏହି ଦେଶରେ କିଛି ବଦଳିବ ନାହିଁ, ସବୁ କିଛି ଏଭଳି ଚାଲୁଥିବ, କିନ୍ତୁ ପ୍ରଧାନମନ୍ତ୍ରୀ ତାକୁ ପରିବର୍ତ୍ତନ କରିଦେଇଛନ୍ତି ଏବଂ ଏବେ ଭାରତ ବିକଶିତ ଭାରତ ହେବା ରାସ୍ତାରେ ଅଗ୍ରସର ହେଉଛି । ଏହି ନିର୍ବାଚନ କେବଳ ପ୍ରାର୍ଥୀଙ୍କୁ ଜିତାଇ ସରକାର ଗଢିବା ପାଇଁ ନୁହେଁ, ବିକଶିତ ଭାରତର ସଂକଳ୍ପକୁ ପୂରଣ କରିବା ପାଇଁ ଏହି ନିର୍ବାଚନ ଅଟେ । ପୂର୍ବରୁ ରାଜନୀତି ଧର୍ମ, ଜାତି ନାମରେ ହେଉଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ଭାରତର ରାଜନୀତିକୁ ବିକାଶବାଦ ସହିତ ଯୋଡି ଦେଶକୁ ଆଗକୁ ବଢାଇବାର କାମ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏବେ ଦେଶରେ ବିକାଶ, ରିପୋର୍ଟ କାର୍ଡ, ପ୍ରଦର୍ଶନ, ଉତ୍ତରଦାୟୀ ରାଜନୀତି ହେଉଛି ।

ଶ୍ରୀ ନଡ୍ଡା ମହାପ୍ରଭୁ ଜଗନ୍ନାଥଙ୍କ ନାମ ନେଇ ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, ଆଜି ମଧୁବାବୁଙ୍କ ଜୟନ୍ତୀ ସେ ଓଡ଼ିଶାକୁ ଗଠନ କରିବାରେ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମେତ ଓଡ଼ିଶା ଗଠନ କରିବାରେ ଯେଉଁମାନେ ନିଜକୁ ବାଜି ଲଗାଇଥିଲେ ସେମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଉଛି।

ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି ଯେ ରାଜ୍ୟରେ ବିରୋଧୀଙ୍କ ସରକାର ଥିବା ସତ୍ତ୍ୱେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟର ଆର୍ଥିକ ବିକାଶ ଦୃଷ୍ଟିରୁ ପଇସା ଦେବାରେ କୌଣସି ହେଳା କରି ନାହାନ୍ତି । ଜନତାଙ୍କ ଟ୍ୟାକ୍ସରେ ଅଧିକାରକୁ




ପ୍ରଧାନମନ୍ତ୍ରୀ ୩ ଗୁଣା ବୃଦ୍ଧି କରିଛନ୍ତି , ସାହାଯ୍ୟ ପାଇଁ ଦିଆଯାଉଥିବା ରାଶି ୩.୫ ଗୁଣା ବଢିଛି । ସମ୍ବଲପୁରରେ ଆଇଆଇଏମ୍ ର ସ୍ଥାୟୀ କ୍ୟାମ୍ପସ୍ ସ୍ଥାପନ କରାଯାଇଛି , ସ୍ମାର୍ଟ ସିଟି ଯୋଜନାରେ ରାଉରକେଲା ଓ ଭୁବନେଶ୍ୱରକୁ ଯୋଡାଯାଇଛି ଏବଂ ୨ ହଜାର କୋଟି ଟଙ୍କା ସେଥିପାଇଁ ଆବଣ୍ଟିତ କରାଯାଇଛି। ଆଜି ଓଡିଶାରେ ୪ ହଜାର ୩୦୦ କିଲୋମିଟରର ଜାତୀୟ ରାଜମାର୍ଗ ନିର୍ମାଣ କରାଯାଉଛି । ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ଗ୍ରୀନ୍ କରିଡର ନିର୍ମାଣ କରାଯାଉଛି । ରେଲୱେରେ ଓଡିଶାର ବଜେଟ୍ ୧୨ ଗୁଣା ବଢିଛି, ବନ୍ଦେ ଭାରତ ଟ୍ରେନ୍ ପୁରୀରୁ ବିଶାଖାପାଟଣା ପର୍ଯ୍ୟନ୍ତ, ରାଉରକେଲାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଓ ହାୱଡାରୁ ପୁରୀ ପର୍ଯ୍ୟନ୍ତ ଚାଲୁଛି, ୪ ଟି ନୂଆ ଏୟାରପୋର୍ଟର ପରିଚାଳନା କରାଯାଉଛି । ଓଡିଶାରେ ୧ ହଜାର ୬୦୦ କୋଟି ଟଙ୍କାରେ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ ଆରମ୍ଭ ହୋଇସାରିଛି। ଅମୃତ ଭାରତ ଯୋଜନାରେ ୫୭ ଷ୍ଟେସନ୍ ଓଡିଶାରେ ନିର୍ମାଣ କରାଯାଉଛି । ଏହାର ଜବାବ୍ ଓଡିଶାର ଜନତାଙ୍କୁ ପଦ୍ମ ଚିହ୍ନର ବଟନ୍ ଚିପି ଦେବାର ଅଛି । ବିଜେଡିର ସରକାରରେ ଦୁର୍ନୀତି ଚାଲିଛି । ରାଜ୍ୟ ସରକାରଙ୍କ ଦୁର୍ନୀତି କାରଣରୁ ହିଁ ୧୬୦ ଚିଟଫଣ୍ଡ କମ୍ପାନୀ ୨୦ ଲକ୍ଷ ଲୋକଙ୍କ ୩୨ ହଜାର କୋଟି ଟଙ୍କା ହଡପ୍ କରିନେଲେ, ଯାହାକୁ ଓଡିଶା ସରକାର ଫେରାଇବାକୁ ମନା କରୁଛନ୍ତି । ରାଜ୍ୟରେ ଜଳ ଜୀବନ ମିଶନରେ ବ୍ଲାକ୍ ଲିଷ୍ଟେଡ୍ କମ୍ପାନୀମାନଙ୍କୁ ଠିକା ଦିଆଯାଇଛି । ଶ୍ରୀ ନଡ୍ଡା ରାଜ୍ୟର ଜନତାଙ୍କୁ କେନ୍ଦ୍ର ଓ ଓଡିଶା ଉଭୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଆଣିବା ପାଇଁ ଆହ୍ୱାନ ଦେଇଛନ୍ତି ।

ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା କହିଛନ୍ତି ଯେ, କରୋନା କାଳ ଓ ଋଷ ୟୁକ୍ରେନ ଯୁଦ୍ଧ ପରେ ସମସ୍ତ ଦେଶର ଅର୍ଥନୀତି ଦୋହଲିଯାଇଛି, କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଜି ଭାରତ ଏକ ବ୍ରାଇଟ୍ ସ୍ପଟ ଭାବେ ଉଭା ହୋଇଛି । ୨୦୧୪ରେ ଭାରତର ଅର୍ଥବ୍ୟବସ୍ଥା ୧୧ତମ ସ୍ଥାନରେ ଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥ ବ୍ୟବସ୍ଥା ଏବେ ପଂଚମ ସ୍ଥାନରେ ପହଂଚିଛି । ଓଡ଼ିଶାର ସମସ୍ତ ଲୋକସଭା ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀଙ୍କୁ ଦିଆହେବା ପ୍ରତି ଭୋଟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ ବନାଇବା ପାଇଁ ଯିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ଆଗାମୀ ୩ ବର୍ଷର ଭାରତ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥ ବ୍ୟବସ୍ଥା ହେବ । ଆଜି ଔଷଧ ଉତ୍ପାଦନରେ ଭାରତ ବିଶ୍ୱର ଦ୍ୱିତୀୟ ନମ୍ବର ସ୍ଥାନରେ ଅଛି । ସବୁଠୁ ଶସ୍ତା ଓ ସବୁଠୁ ପ୍ରଭାବଶାଳୀ ଔଷଧ ଆଜି ଭାରତରେ ତିଆରି ହେଉଛି । ଭାରତ ଆଜି ସମୟରେ ଦୁନିଆର ଡିସପେନ୍ସାରୀ ହୋଇସାରିଛି । ଅଟୋମୋବାଇଲ କ୍ଷେତ୍ରରେ ଆଜି ଭାରତ ଜାପାନକୁ ପଛରେ ପକାଇ ବିଶ୍ୱରେ ତୃତୀୟ ନମ୍ବରରେ ପହଞ୍ଚିସାରିଛି । ପେଟ୍ରୋ କେମିକାଲରେ ଆମର ୧୦୬ ପ୍ରତିଶତ ରପ୍ତାନୀ ବଢିଛି । ୧୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ମୋବାଇଲ ଫୋନ ଚୀନ୍ ଓ ତାଇୱାନରେ ତିଆରି ହେଉଥିଲା । କିନ୍ତୁ ଆଜି ଅଧିକାଂଶ ମୋବାଇଲ ଭାରତରେ ତିଆରି ହେଉଛି ଏବଂ ଏହା ଉପରେ ମେଡ୍ ଇନ୍ ଇଣ୍ଡିଆ ଲେଖା ହେଉଛି । ଏହା ଭାରତର ବଦଳୁଥିବା ଚିତ୍ରକୁ ଦର୍ଶାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗାଁ , ଗରୀବ , ବଞ୍ଚିତ ଶୋଷିତ , ପୀଡିତ, ଚାଷୀ, ମହିଳା, ଯୁବକଙ୍କୁ ଶକ୍ତି ମିଳିଛି । ଗାଁର ସଡକ ପକ୍କା ସଡକ ସହିତ ଯୋଡି ହୋଇଛି , ୧.୫ ଲକ୍ଷ ପଞ୍ଚାୟତକୁ ଅପ୍ଟିକାଲ ଫାଇବର ସହିତ ଯୋଡା ଯାଉଛି । ଆଜିଠୁ ୨୦ ବର୍ଷ ପୂର୍ବେ ଗୋଟିଏ ପଞ୍ଚାୟତର ବିକାଶ ପାଇଁ ବର୍ଷକୁ ୨.୫-୩ ଲକ୍ଷ ଟଙ୍କା ମିଳୁଥିଲା , କିନ୍ତୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱରେ ଗୋଟିଏ ପଞ୍ଚାୟତକୁ ୩-୫ କୋଟି ଟଙ୍କା ଦିଆଯାଉଛି ।

# ଓଡ଼ିଶାବାସୀ ସୁଯୋଗଦେଲେ ରାଜ୍ୟକୁ ଶୀର୍ଷକୁ ନେବୁ : ମୋଦୀ

**ନୂଆଦିଲ୍ଲୀ,୨୮।୪(ମହାଭାରତ):** ୨୦୨୪ ମହାସଂଗ୍ରାମ ଭିତରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସମ୍ପର୍କରେ ବଡ଼ ବୟାନ ଦେଇଛନ୍ତି।ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତା ଏବେ ସଙ୍କଟରେ ରହିଛି। ରାଜ୍ୟ ବିଜେପି କ୍ଷମତାସୀନ ବିଜେଡି ବିରୋଧରେ ଲଢ଼ିବାକୁ ଓଡ଼ିଆ ଅସ୍ମିତାକୁ ମୁଖ୍ୟ ପ୍ରସଙ୍ଗ କରିଛି। ସେହିପରି ଆଜି ମଧ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ବିଜେଡିକୁ ଟାର୍ଗେଟ କରିବା ବେଳେ ବାହାର ଲୋକଙ୍କୁ ଓଡ଼ିଶା ସରକାର ପ୍ରଶ୍ରୟ ଦେଉଛନ୍ତି ବୋଲି କହିଥିଲେ। ଏହାକୁ ନେଇ ବିଜେଡି ବ୍ୟାକଫୁଟରେ ଥିବା ବେଳେ ଆଜି ମୋଦି ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ଆହୁରି ତୀବ୍ର କରିଛନ୍ତି।



ଗୋଟିଏ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ବଡ଼ ମନ୍ତବ୍ୟ ଦେଇଛନ୍ତି ଓଡ଼ିଶା ସଂକ୍ରାନ୍ତ ପ୍ରଶ୍ନରେ ମୋଦି କହିଛନ୍ତି, ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା ଏବେ ବିପଦରେ ଅଛି। ବିଜୁ ଜନତା ଦଳ ଆମକୁ ପ୍ରସଙ୍ଗ ଭିତ୍ତିରେ ସମର୍ଥନ ଦେଉଥିଲା ଏଭଳି ଅନେକ ଦଳ ଆମକୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ କରଛନ୍ତି।ବିଜେଡି ସହ ଆମର ସଂପର୍କ ରାଜ୍ୟରେ ପୂରା ଅଲଗା ଓଡ଼ିଶାର ପୂରା ଅସ୍ମିତା ଏବେ ଶେଷ ହେବାକୁ ବସିଛି ଓଡ଼ିଆ ଭାଷା ଓ ଅସ୍ମିତା ଏବେ ସଂକଟରେ ରହିଛି। ଓଡ଼ିଶାବାସୀ ଏହାକୁ ଆଉ ବରଦାସ୍ତ କରିବେ ବୋଲି ଭାବୁନି।

ପ୍ରାକୃତିକ ସଂପଦରେ ଭରପୂର ରହିଛି ଓଡ଼ିଶା। ଏତେ ସଂପଦରେ ପରିପୂର୍ଣ୍ଣ ଓଡ଼ିଶା ୧ ନମ୍ବର ଧନୀ ରାଜ୍ୟ ହେବା କଥା କିନ୍ତୁ ଓଡ଼ିଶାର ସ୍ଥିତି ଏବେ କଣ ଆପଣ ଦେଖୁଥିବେ ଏଭଳି ସ୍ଥିତିରେ ଆମକୁ ଓଡ଼ିଶାର ସେବା ପାଇଁ ସୁଯୋଗ ମିଳିବା ଦରକାର ଆମକୁ ସୁଯୋଗ ମିଳିଲେ, ଆମେ ଓଡ଼ିଶାକୁ ନୂଆ ଶିଖରକୁ ନେବୁ। ଏହାବାଦ ମୋଦି ଉକ୍ତ ସାକ୍ଷାତକାରରେ କଂଗ୍ରେସ ସମ୍ପର୍କରେ ମଧ ରଖି ଦଳକୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ ୨୦୪୭ ବିକଶିତ ଭାରତ କଥା ଦୋହରାଇଛନ୍ତି।

# ନିୟନ୍ତ୍ରଣରେ ଶିମିଳିପାଳ ଅଭୟାରଣ୍ୟ ନିଆଁ

**ଶିମିଳିପାଳ, ୨୮।୪(ନି.ପ୍ର):** ଜଳୁଛି ଶିମିଳିପାଳ । ଗତ କିଛି ଦିନ ଧରି ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲାଗିଛି। ଏଥିପାଇଁ ବିପଦରେ ଜଙ୍ଗଲ ଏବଂ ବନ୍ୟ ଜୀବଜନ୍ତୁ। ଶିମିଳିପାଳ ଅଭୟାରଣ୍ୟର ବହୁ ସ୍ଥାନରେ ଲାଗିଛି ନିଆଁ । ଗୋଟିଏ ପାହାଡ଼ରୁ ଆଉ ଗୋଟିଏ ପାହାଡ଼କୁ ନିଆଁ ମାଡି ଚାଲିଛି। ୨୭୫୦ ବର୍ଗ କିଲୋମିଟର ଶିମିଳିପାଳ ଅଭୟାରଣ୍ୟ ଏବେ ବିପଦରେ। ଅଭୟାରଣ୍ୟରେ ନିଆଁ ଲାଗିବା ଯୋଗୁଁ ବନ୍ୟଜନ୍ତୁ ଏବଂ ମୂଲ୍ୟବାନ ଗଛ ଏବେ ଖୁବ ବିପଦରେ ରହିଛନ୍ତି। ନିଆଁ ଯୋଗୁଁ କିଛି ସ୍ଥାନରେ ପାହାଡ଼ ଗୁଡ଼ିକ ଦୂରରୁ ଧଳା କୁହୁଡି ପରି ଦେଖା ଦେଉଛି।




ଗୋଟିଏ ପଟେ ଗ୍ରୀଷ୍ମ ପ୍ରବାହର ତାତି ଅସହ୍ୟ ଥିଲା ବେଳେ ଶିମିଳିପାଳରେ ନିଆଁ ଲିଭେଇବା ବନ ବିଭାଗ କର୍ମଚାରୀ ପାଇଁ ଚାଲେଞ୍ଜ ପାଲଟିଛି। ଧିରେ ଧିରେ ନିଆଁ କାୟା ବିସ୍ତାର କରୁଥିବା ବେଳେ ବନ ବିଭାଗ ନିଆଁକୁ ଆୟତ୍ତ କରିବାରେ ଅସୁବିଧା ଭୋଗୁଛନ୍ତି। ନିଆଁ ଲିଭାଇବା କାର୍ଯ୍ୟରେ ଓଡ୍ରାଫ ଟିମକୁ ନିୟୋଜିତ କରାଯାଇଛି। ନିଆଁ ଲାଗି ବହୁ ଔଷଧୀୟ ଗଛ ଲତା ମଧ୍ୟ ପୋଡି ଜଳି ନଷ୍ଟ ହୋଇଯାଉଛି। ନିଆଁ ଲାଗିବା କାରଣରୁ ଶିମିଳିପାଳ ଏବଂ ଶିମିଳିପାଳ ପାଦଦେଶରେ ଧୂଆଁମୟ ହେବା ସହିତ ସ୍ଥାନୀୟ ଲୋକମାନଙ୍କର ଆଖି ପୋଡିବା ଆରମ୍ଭ ହୋଇଯାଇଛି।

ଗତକାଲି ସକାଳେ ଶିମିଳିପାଳ ଅଭୟାରଣ୍ୟରେ ୩୫ ପଏଣ୍ଟରେ ନିଆଁ ଲାଗିଥିଲା ଦିନବେଳେ ସେହି ନିଆଁ ବୃଦ୍ଧି ପାଇ ୪୬ ଟି ପଏଣ୍ଟରେ ପହଞ୍ଚିଥିଲା। ଗତକାଲି ଶିମିଳିପାଳ ଅଭୟାରଣ୍ୟରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ପ୍ରବଳ ଖରା ଗରମ ଏବଂ ନିଆଁ ଉତ୍ତାପ ସତ୍ତ୍ୱେ ପାହାଡ଼ ଉପରୁ ଚଢି ବନ ବିଭାଗ କର୍ମଚାରୀ ନିଆଁ ଲିଭାଉଛନ୍ତି। ବନ ବିଭାଗ ସବୁ ସତର୍କତା ଅବଲମ୍ବନ କଲେ ମଧ ନିଆଁକୁ ଆୟତ୍ତ କରିବା ଅନେକ ସମୟରେ ଅସମ୍ଭବ ହେଇପଡୁଛି । ବାସ୍ତବରେ ଅନେକ ସଂଘର୍ଷ କଲାପରେ ନିଆଁ ଲିଭାଉଛନ୍ତି ବନବିଭାଗ କର୍ମଚାରୀ।

ତେବେ ଦିନ ରାତି ଏକ କରି ବନ ବିଭାଗ କର୍ମଚାରୀ ନିଆଁ ଲିଭେଇବାରେ ସଫଳ ହେଇଛନ୍ତି। ଆଜି ଗୋଟିଏ ପଏଣ୍ଟ ବି ଶିମିଳିପାଳରେ ନିଆଁ ଲାଗି ନାହିଁ କିନ୍ତୁ ଦିନ ବେଳେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଗରମ ବିଲେ ନିଆଁ ଲାଗିବାର ସମ୍ଭାବନା ବଢ଼ିଯାଏ। ଆଉ ଥରେ ନିଆଁ ଲାଗିଲେ ଏହାକୁ ନିୟନ୍ତ୍ରଣ କରିବା ମୁସ୍କିଲ ହୋଇଯାଏ। ତେବେ ଚଳିତ ଥର ଶିମିଳିପାଳ ଅଭୟାରଣ୍ୟରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବା ପାଇଁ ବନବିଭାଗ ପ୍ରାଣପଣେ ଚେଷ୍ଟା ଜାରି ରଖିଛି।

# ବାପାର ଛୁରୀ ମାଡରେ ପୁଅ ମୃତ

**ନନ୍ଦାହାଣ୍ଡି,୨୮।୪(ମହାଭାରତ)**ବାପାର ଅତର୍କିତ ଛୁରୀ ମାଡରେ ପୁଅ ମୃତ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧଣ୍ଡରା ପଞ୍ଚାୟତ ସଦର ଗ୍ରାମରେ। ଅଭିଯୁକ୍ତ ଜଗେଶ୍ୱର ନାୟକ(୫୦) ଶନିବାର ରାତି ପ୍ରାୟ ୮ ଘଣ୍ଟା ସମୟରେ ପୁଅ ଦେବ ନାୟକ(୨୩) କୁ ଛାତିରେ ଧାରୁଆ। ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରିବା ସହ ସାନ ଭାଇ ଅଭିମନ୍ୟୁ ନାୟକଙ୍କୁ ମଧ୍ୟ ଗୋଡ଼ରେ ଆଘାତ କରିଥିଲା । ଆକ୍ରାନ୍ତ ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲା ।ସେଠାରେ ଦେବ ନାୟକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା ଓ ସାନ ଭାଇ ଅଭିମନ୍ୟୁ ନାୟକଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମୃତ ଦେବ ନାୟକଙ୍କ ମର ଶରୀରକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ରବିବାର ଦିନ ହସ୍ତାନ୍ତର କରାଯାଇଥିଲା ।

# ଚେକିଂରୁ ଜବତ ହେଲା ୮ ଲକ୍ଷ

**ଭୁବନେଶ୍ୱର,୨୮।୪(ମହାଭାରତ):** ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ସେଥି ପାଇଁ ସବୁଠି ବ୍ଲକିଂ ଆଉ ଚେକିଂ ଚାଲିଛି। ରାଜଧାନୀରୁ ଚେକିଂ ବେଳେ ମିଳିଲା ପୂଳାପୂଳା ଟଙ୍କା କାରରୁ ୩ ଲକ୍ଷ ୬୦ ହଜାର ଟଙ୍କା ମିଳିଥିବାବେଳେ ଝାରସୁଗୁଡାରେ ମିଳିଛି ୫ ଲକ୍ଷ ଟଙ୍କା। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।



ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଓମ୍ଫେଡ଼ ଛକ ନିକଟରେ ଚେକିଂ ଚାଲିଥିବା ବେଳେ ଗାଡ଼ିରୁ ଜବତ ହୋଇଛି ୩ ଲକ୍ଷ ୬୦ ହଜାର ଟଙ୍କା। ଚନ୍ଦ୍ରଶେଖରପୁର ଥାନା ପୁଲିସ ଏହି ଟଙ୍କା ସହ ଗାଡ଼ିକୁ ଜବତ କରିଛି। ପ୍ରକୃତରେ କାହାର ଏହି ଟଙ୍କା ? କୁଆଡ଼େ ଯାଉଥିଲା ? ଟଙ୍କାର ଉତ୍ସ କଣ ? କଣ ପାଇଁ କାରରେ ଏତେ ପରିମାଣର ଟଙ୍କା ନିଆଯାଉଥିଲା ? ଟଙ୍କା ନେଇ ଯାଇଥିବା ବ୍ୟକ୍ତି ଏହାର କୌଣସି ସନ୍ତୋଷଜନକ ଉତ୍ତର ପୁଲିସକୁ ଦେଇ ପାରି ନଥିଲେ ସେଥି ପାଇଁ ପୁଲିସ ଏ ଟଙ୍କାଙ୍କୁ ଜବତ କରି ଚନ୍ଦ୍ରଶେଖରପୁର ଥାନାରେ ରଖିଛି। ଅମ୍ଲାନ ଯୋତି ପ୍ରକାଶ ସିଂ ପୁଲିସକୁ କହିଛନ୍ତି ତାଙ୍କର ଗୋଟିଏ ପାଣି କମ୍ପାନି ଅଛି। ସାତଶଙ୍ଖ ପୁରୀରେ ସେ ତାଙ୍କ କମ୍ପାନିର କର୍ମଚାରୀ ମାନଙ୍କୁ ଟଙ୍କା ଦେବା ପାଇଁ ନେଉଥିଲେ। ହେଲେ ଏହା ପ୍ରକୃତରେ କେତେ ସତ ତାହା ପୁଲିସ ତଦନ୍ତ କରୁଛି। ତାଙ୍କ ଘର ହେଉଛି ଚନ୍ଦକା।

ସେହିପରି ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଗୌରପଡା ଛକରେ କାରରୁ ଜବତ ହୋଇଛି ୫ ଲକ୍ଷ ଟଙ୍କା। ନିର୍ବାଚନ ସମୟରେ ଚେକିଂ ବେଳେ କାରରୁ ନଗଦ ଅର୍ଥ ଜବତ ହୋଇଛି। କାରଟି ଛତିଶଗଡ଼ ପଟୁ ଝାରସୁଗୁଡ଼ା ଆସୁଥିବାବେଳେ ଯାଞ୍ଚ କରିଥିଲା ପୋଲିସ। ଜବତ ଟଙ୍କା ଝାଡ଼ଖଣ୍ଡର ମହମ୍ମଦ ମୈସାର ଶେଖଙ୍କର ବୋଲି ସୂଚନା ମିଳିଛି। ତେବେ ଟଙ୍କାର କୌଣସି ବୈଧ କାଗଜପତ୍ର ଦେଖାଇ ନପାରିବାରୁ ଏହାକୁ ଜବତ କରି ତଦନ୍ତ କରାଯାଉଛି।

# ୪୩ ଡିଗ୍ରୀ ଉପରେ ୧୨ ସହରର ତାପମାତ୍ରା

ଭୁବଦେନଶ୍ୱର, ୨୮।୪(ମହାଭାରତ): ଅସହ୍ୟ ତାତିରୁ ମିଳୁନି ନିସ୍ତାର ସୂର୍ଯ୍ୟକୋପରେ ଜଳୁଛି ସାରା ଓଡ଼ିଶା ଉପକୂଳରୁ ଠାରୁ ଆରମ୍ଭ କରି ଉପାନ୍ତ ଯାଏ ସବୁଠି ହେଉଛି ଅଗ୍ନିବର୍ଷା ସକାଳ ୮ଟାରୁ ଘରୁ ବାହାରିବା ମୁସ୍କିଲ ଏହିକ୍ରମରେ ଆଜି ୧୨ଟି ସହରରେ ଦିନ ତାପମାତ୍ରା ୪୩ ଡିଗ୍ରୀ ବା ତା ଠାରୁ ଉପରେ ରେକର୍ଡ କରାଯାଇଛି ସେହିପରି ୨୭ ସହରର ତାପାମତ୍ରା ୪୦ ଡିଗ୍ରୀ ଉପରେ ରହିଛି ଆଜି ସବୁଠୁ ଉତ୍ତପ୍ତ ସ୍ଥାନ ପାଲଟିଛି ଅନୁଗୋଳ ଏଠାରେ ପାରଦ ୪୪.୩ ଡିଗ୍ରୀ ରେକର୍ଡ କରାଯାଇଛି ।ସେହିପରି ବୌଦ୍ଧରେ ଆଜି ତାପମାତ୍ରା ୪୪.୧ ଡିଗ୍ରୀ, ବାରିପଦାରେ ୪୪, ନୟାଗଡ଼ ଓ କଟକରେ ୪୩.୭, ଢେଙ୍କାନାଳରେ ୪୩.୬, ତାଳଚେର, ଟିଟିଲାଗଡ଼ ଏବଂ ମାଲକାନଗିରିରେ ୪୩.୫, ବଲାଙ୍ଗିରରେ ୪୩.୩, ରାଜଧାନୀ ଭୁବନେଶ୍ୱରରେ ୪୩.୨, ଭବାନୀପାଟଣାରେ ୪୩ ଡିଗ୍ରୀ ରେକର୍ଡ କରାଯାଇଛି।

ଆସନ୍ତାକାଲିଠୁ ଗ୍ରୀଷ୍ମପ୍ରବାହ ଆହୁରି ଅସମ୍ଭାଳ ହେବ ୨୯ ଓ ୩୦ ତାରିଖ ପାଇଁ ସିଭିୟର ହିଟଭେ ନେଇ ୧୫ ଜିଲ୍ଲାକୁ ରେଡ୍ ଓ ୧୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

କିଛିସ୍ଥାନରେ ପାରଦ ୪୫ ଡିଗ୍ରୀ ଛୁଇଁଯିବାର ମଧ ଆଶଙ୍କା ରହିଛି ସେହିପରି ଅସମ୍ଭାଳ ତାତି ଓ ଗୁଳୁଗୁଳିରୁ ୧ ତାରିଖ ଯାଏ ଆଶ୍ୱସ୍ତି ମିଳିବାର ସମ୍ଭାବନା ନାହିଁ କିନ୍ତୁ ୨ ତାରିଖରୁ ତାପମାତ୍ରା ସାମାନ୍ୟ ହ୍ରାସ ପାଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। ଏପ୍ରିଲ ୧୭ ତାରିଖରେ ପ୍ରଥମ ଥର ପାଇଁ ଚଳିତ ସିଜିନରେ ଟୁଇନସିଟିର ପାରଦ ୪୧ ଟପିଥିଲା ସେଦିନ ଭୁବନେଶ୍ୱରର ପାରଦ ୪୧.୭ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ କଟକ ପାରଦ ୪୧.୫ ଡିଗ୍ରୀ ରହିଥିଲା ଏପ୍ରିଲ୍ ୧୮ରେ ରାଜଧାନୀର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ଟପିଥିଲା ଭୁବନେଶ୍ୱରରେ ପାରଦ ୪୩.୬ ଡିଗ୍ରୀ ଛୁଇଁଥିଲା ଏଥିସହ ରାଜଧାନୀ ପାଲଟିଥିଲା ସବୁଠୁ ଉତ୍ତପ୍ତ ସହର। କଟକରେ ସେଦିନ ତାପମାତ୍ରା ୪୧.୪ ଡିଗ୍ରୀ ରେକର୍ଡ କରାଯାଇଥିଲା ଏହା ପର୍ଯ୍ୟାୟକ୍ରମେ ବଢ଼ିବାରେ ଲାଗିଛି ସ୍ଥିତି ଏପରି ହୋଇଥିଲା ଯେ ଏପ୍ରିଲ ୨୭ରେ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ସମସ୍ତ ରେକର୍ଡ ଭାଙ୍ଗି ଚଳିତ ସିଜିନରେ ପ୍ରଥମଥର ପାଇଁ ୪୪.୬ ଡିଗ୍ରୀ ପହଞ୍ଚିଥିଲା।

# ଜଙ୍ଗଲରୁ ୭୮୦ କେଜି ଗଞ୍ଜେଇ ଜବତ

**ମାଲକାନଗିରି, ୨୮/୪ (ମହାଭାରତ) :** ସ୍ୱାଭିମାନ ଅଞ୍ଚଳରେ ଅବକାରୀ ବିଭାଗପକ୍ଷରୁ ଚଢ଼ଉ କରାଯାଇ ଘଞ୍ଚ ଜଙ୍ଗଲରୁ ୭୮୦କେଜି ଗଞ୍ଜେଇ ଜବତ କରିଛନ୍ତି। ମାଲକାନଗିରି ଜିଲ୍ଲା ଅବକାରୀ ଅଧିକ୍ଷକ ବିଦ୍ୟାଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଉପ ଅଧିକ୍ଷକ ଟଙ୍କଧର ଭୋଇ ଏବଂ ମାଲକାନଗିରି ରେଞ୍ଜ ଇନ୍ସପେକ୍ଟର ସନ୍ତୋଷ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶେଶ ନାୟକ ସବ୍-ଇନ୍ସପେକ୍ଟର, ଜିଲ୍ଲା ମୋବାଇଲ୍ ୟୁନିଟର ଅବକାରୀ କର୍ମଚାରୀ ସ୍ୱାଭିମାନ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେମାନେ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଲେ ଯେ, ପୂଜାରୀ ଗୁଡା ଗ୍ରାମ ଜଙ୍ଗଲରେ ବାହାର ରାଜ୍ୟକୁ ଚୋରା ଚାଲାଣ ନିମନ୍ତେ ବିପୁଳ ପରିମାଣ ର ଗଞ୍ଜେଇ ଗଚ୍ଛିତ ହୋଇରହିଛି ।ଏହି ଟିମ ସ୍ୱାଭିମାନ ଅଞ୍ଚଳ ପେପରମେଟଲା ଥାନା ଅନ୍ତର୍ଗତ ପୂଜାରିଗୁଡା ଗାଁର ପୂର୍ବ ପାର୍ଶ୍ୱ ଘଞ୍ଚ ପାହାଡ ଜଙ୍ଗଲ ଅଞ୍ଚଳରେ ଚଢ଼ଉ କରି ଦେଖିଲେ ଏକ ଗଛ ମୂଳରେ କିଛି ବସ୍ତା ଲୁଚା ଯାଇ ରଖାଯାଇଛି। ସେହି ବସ୍ତା ଗୁଡିକୁ ଯାଞ୍ଚ କରିବାରୁ ସେଥିରୁ ୭୮୦ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା।

# କଂଗ୍ରେସର ନିର୍ବାଚନୀ ବିଗୁଲ ବଜାଇଲେ ରାହୁଲ

ସାଲେପୁର, ୨୮।୪(ମହାଭାରତ): କଟକ ଜିଲ୍ଲାର ସାଲେପୁର ଠାରେ ଆଜି ଆୟୋଜିତ କଂଗ୍ରେସର ନ୍ୟାୟ ସମାବେଶରେ ଯୋଗଦେଇ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧି ରାଜ୍ୟର ବିଜେଡ଼ି ସରକାର ଓ କେନ୍ଦ୍ରର ମୋଦୀ ସରକାରଙ୍କୁ ସିଧାସଳଖ ଟାର୍ଗେଟ୍ କରିଥିଲେ । ନିଜ ଅଭିଭାଷଣ ଆରମ୍ଭରେ ସେ କହିଥିଲେ ଯେ, ଭାଇ ଓ ଭଉଣୀ ମାନେ ସମସ୍ତେ ଆପଣମାନେ ଏତେ ଗରମ ସତ୍ତ୍ୱେ ଏଠାରେ ଏକାଠି ହୋଇଥିବାରୁ ହୃଦୟରୁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି । କେନ୍ଦ୍ରରେ ଯେପରି ନରେନ୍ଦ୍ର ମୋଦୀ ୨୨-୨୫ ଲୋକଙ୍କ ଅରବପତିଙ୍କ ସରକାର ସେଠାରେ ଚଳାଇଛନ୍ତି, ଠିକ୍ ସେହିପରି ରାଜ୍ୟରେ ନବୀନ ପଟ୍ଟନାୟକ କିଛି ହାତଗଣତି ଲୋକଙ୍କୁ ନେଇ ସରକାର ଚଳାଇଛନ୍ତି। ସମ୍ପୂର୍ଣ୍ଣ ଫାଇଦା ହାତଗଣତି ଲୋକଙ୍କର ହେଉଛି । ଏବଂ ବାକି ଜନତା କେବଳ ଦେଖି ଦେଖି ଜଳକା ହୋଇ ରହିଯାଉଛନ୍ତି । ତେଲେଙ୍ଗାନାରେ ବିଜେପି ଓ ବିଆରଏସର ବିବାହ ହୋଇଥିଲା । ସେଠାରେ ପ୍ରତ୍ୟେହ ତାଙ୍କର ବାରାତ୍ ବାହାରୁଥିଲା । ଡ୍ରାମାବାଜି ହେଉଥିଲା । ଏବଂ ପରେ କଂଗ୍ରେସ ପାର୍ଟି ତେଲେଙ୍ଗାନାରେ ଦେଖାଇଥିଲା ଯେ, ବିଜେପି ଓ ବିଆରଏସ ଏକ । ଯଦି କେହି ବିରୋଧୀର କାର୍ଯ୍ୟ କରୁଛି



ତେବେ ସେ ହେଉଛି କଂଗ୍ରେସ । ଆମେ ୫ ଗ୍ୟାରେଂଟି ଦେଇଥିଲୁ, ଯାହାଦ୍ୱାରା ତେଲେଙ୍ଗାନାର ଗରିବ ଜନତାଙ୍କୁ ସିଧାସଳଖ ବ୍ୟାଙ୍କ ଆକାଉଂଟରେ ଟଙ୍କା ଦେଆଗଲା । ବିଆରଏସର ନେତାମାନେ ସମ୍ପୂର୍ଣ୍ଣ ଫାଇଦା କିଛି ଲୋକଙ୍କୁ ଦେଇଥିଲେ । ଆମେ ସେଠାରେ ଯାଇ କହିଥିଲୁ ଯେତେ ଟଙ୍କା ବିଆରଏସ ତେଲେଙ୍ଗାନାର ଧନୀ ଲୋକଙ୍କୁ ଦେଇଛି, ସେତିକି ଟଙ୍କା କଂଗ୍ରେସ ପାର୍ଟି ତେଲେଙ୍ଗାନାର ଗରିବ ଲୋକଙ୍କୁ ଦେବାକୁ ଯାଉଛି । ଫଳ ସ୍ୱରୂପ ଯେତେବେଳେ ରାଜ୍ୟରେ ନିର୍ବାଚନ ହୋଇଥିଲା ସେଠାରେ ବିଆରଏସ ଦେଖିବାକୁ ମିଳିନଥିଲା ଏବଂ ତେଲେଙ୍ଗାନାରେ କଂଗ୍ରେସର ସରକାର ଆସିଲା । ଏବେ ଓଡ଼ିଶାରେ ସେହି କାମ ଚାଲିଛି । ଏଠାରେ ବିଜେଡ଼ି ଓ ବିଜେପିର ବିବାହ ହୋଇଛି । ଏହି ବିବାହ ଉତ୍ସବରେ ସେମାନେ ଓଡ଼ିଶାର ଜନତାଙ୍କୁ ପାନ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ୍ କରି ରାହୁଲ୍ କହିଥିଲେ ଯେ, ଦିଲ୍ଲୀର ମାମୁଁ ଓ ନବୀନ ବାବୁ ପାର୍ଟନରସିପ୍ କରିଛନ୍ତି । ସେହି ୨୨ ଲୋକଙ୍କୁ ସମ୍ପୂର୍ଣ୍ଣ ଫାଇଦା ଦେଇଛନ୍ତି। ଅମିତ ଶାହ, ନରେନ୍ଦ୍ର ମୋଦୀ, ନବୀନ ପଟ୍ଟନାୟକ ଅର୍ଥ ଏଏନଏନ। ଆପଣମାନଙ୍କ ସମ୍ପୂର୍ଣ୍ଣ ଧନ ଏହି ଲୋକମାନେ ଲୁଟ୍ କରିଛନ୍ତି । ଖଣି ଦୁର୍ନୀତିରେ ୯ ଲକ୍ଷ କୋଟି ଟଙ୍କା, ଚାଷୀଙ୍କ ଜମି ଦୁର୍ନୀତିରେ ୨୦ ହଜାର କୋଟି, ବୃକ୍ଷରୋପଣରେ ୧୫ ହଜାର କୋଟି ଅର୍ଥ ଠକେଇ ହୋଇଛି । ଯେତେବେଳେ ଏଠାରେ କଂଗ୍ରେସ ପାର୍ଟିର ସରକାର ଆସିବ, ଦିଲ୍ଲୀରେ ଆମର ସରକାର ଆସିବ ତେବେ ଏମାନେ ଯେଉଁ ଅର୍ଥ ଆପଣମାନଙ୍କ ଠାରୁ ଲୁଟ୍ କରିଛନ୍ତି, ଆମେ ତାକୁ ଜନସାଧାରଣଙ୍କୁ ଫେରାଇବା ଆରମ୍ଭ କରିବୁ ବୋଲି ରାହୁଲ କହିଥିଲେ ।

ଯଦି ଏଠାରେ ଆମର ସରକାର ଗଠନ ହୁଏ, ତେବେ ପ୍ରତି ମାସରେ ୨ହଜାର ଟଙ୍କା ଓଡ଼ିଶାର ମହିଳାଙ୍କ ବ୍ୟାଙ୍କ ଆକାଉଂଟରେ ଜମା କରାଯିବ, ୩ ହଜାର ଟଙ୍କା ବେରୋଜଗାର ଯୁବକ ମାନଙ୍କ ବ୍ୟାଙ୍କ ଆକାଉଂଟରେ ଜମା କରାଯିବ, ୨୦୦ ୟୁନିଟ୍ ଫ୍ରି ବିଦ୍ୟୁତ ମିଳିବ । ଗ୍ୟାସ୍ ସିଲିଣ୍ଡର ଯାହା ମୋଦୀ ସରକାର ୧୧୦୦ ଟଙ୍କାରେ ଦେଉଛନ୍ତି ତାହା ୫୦୦ ଟଙ୍କାରେ ଜନସାଧାରଣଙ୍କୁ ଯୋଗାଇ ଦିଆଯିବ। ଓଡ଼ିଶାରେ ଚାଷୀଙ୍କୁ ଧାନ ୩ ହଜାର ଟଙ୍କା ପ୍ରତି କ୍ୱିଂଟାଲ ପିଛା ଦେବାକୁ ଯାଉଛି ବୋଲି ରାହୁଲ୍ କହିଥିଲେ । ଆଜିର ଏହି ବିଶାଳ ସମାବେଶ ସହ କଂଗ୍ରେସ ରାଜ୍ୟରେ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଛି । ନ୍ୟାୟ ସମାବେଶରେ ଯୋଗଦେବା ପୂର୍ବରୁ ରାହୁଲ ସତ୍ୟଭାମାପୁରରେ ପହଂଚି ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



## ଖବର

# ରାମାୟଣ ସେଟରୁ ରଣବୀର କପୁର-ସାଇ ପଲ୍ଲବୀଙ୍କ ଲୁକ୍ ଭାଇରାଲ



ନିର୍ଦ୍ଦେଶକ ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ'କୁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହି ଫିଲ୍ମରେ ରଣବୀର କପୁର ପ୍ରଭୁ ରାମଙ୍କ ଭୂମିକାରେ ନଜର ଆସିବେ। ତାଙ୍କ ସହ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀ ମାତା ସୀତା ଭୂମିକାରେ ନଜର ଆସିବେ। ଉଭୟ କଳାକାର ଏବଂ ଏହି ପ୍ରୋଜେକ୍ଟକୁ ନେଇ ଅନେକ ଦିନରୁ ଚର୍ଚ୍ଚା ହେଉଛି। ନିକଟରେ ଫିଲ୍ମର ସେଟ୍ରୁ କିଛି ଫଟୋ ମଧ୍ୟ ଭାଇରାଲ ହୋଇଥିଲା, ଯେଉଁଥିରେ ଅରୁଣ ଗୋବିଲ ଏବଂ ଲାରା ଦତ୍ତା ଦଶରଥ ଏବଂ କୈକେଇଙ୍କ ଅବତାରରେ ନଜର ଆସିଥିଲେ। ଏବେ ରଣବୀର ଏବଂ ପଲ୍ଲବୀଙ୍କ ଲୁକ୍ ମଧ୍ୟ ଲିକ୍ ହୋଇଛି।ରଣବୀର କପୁର ଏବଂ ସାଇ ପଲ୍ଲବୀଙ୍କ କିଛି ଫଟୋ 'ରାମାୟଣ'ର ସେଟ୍ରୁ ପ୍ରକାଶ ପାଇଛି। ସେଥିରେ ସେ ପ୍ରଭୁ ରାମ ଏବଂ ମାତା ସୀତାଙ୍କ ଅବତାରରେ ଦେଖିବାକୁ ମିଳିଛି। ଫଟୋ ଗୁଡିକରେ ଉଭୟ ନଦୀ କୂଳରେ ବୁଲିବା ଏବଂ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳିଛି। ଦୁହେଁ ମେଳ ଖାଉଥିବା ମାରୁନ ରଙ୍ଗର ପୋଷାକ ପିନ୍ଧିଛନ୍ତି। ସାଇ ପଲ୍ଲବୀ ନାଚୁରାଲ ମେକଅପ୍ ସହିତ ବାଇଗଣୀ ରଙ୍ଗର ଶାଢ଼ୀ ପିନ୍ଧିଛନ୍ତି।ଏହା ସହିତ ଏକ ସୁବର୍ଣ୍ଣ ଏବଂ ମାରୁନ୍ ଓଢଣୀ ପକାଇଛନ୍ତି। ଯେତେବେଳେ ରଣବୀର ଏକ ବାଇଗଣୀ ଧୋତି ସହିତ ଏକ ସୁବର୍ଣ୍ଣ ଏବଂ ମାରୁନ ଶାଲ ପକାଇଛନ୍ତି।ଉଭୟଙ୍କ ଲୁକ୍ ପ୍ରକୃତରେ ଦେଖିଲା ଭଳି ହୋଇଛି। ରାଜକୀୟ ପୋଷାକ ସହିତ ଉଭୟଙ୍କ ଭାବଭଙ୍ଗୀ ମଧ୍ୟ ସୁନ୍ଦର ଲାଗୁଛି। ସାଇ ପଲ୍ଲବୀ ଫଟୋଗୁଡ଼ିକରେ ବହୁତ କମ୍ ଅଳଙ୍କାର ପିନ୍ଧି ହସୁଥିବାର ନଜର ଆସିଛନ୍ତି। ଲମ୍ବା କେଶରେ ଥିବାବେଳେ ରଣବୀର କପୁରଙ୍କ ମୁହଁରେ ଶାନ୍ତ ଅଭିବ୍ୟକ୍ତି ରହିଛି। ଉଭୟଙ୍କ ଶରୀର ଭାଷା ଦର୍ଶାଏ ଯେ ସେମାନେ ନିଜ ଭୂମିକା ପାଇଁ କଠିନ ପରିଶ୍ରମ କରିଛନ୍ତି। ଏହା ବ୍ୟତୀତ ସେ 'ରାମାୟଣ'ର ସୁଟିଂକୁ ମଧ୍ୟ ବହୁତ ଉପଭୋଗ କରୁଛନ୍ତି। ରଣବୀର ଏବଂ ପଲ୍ଲବୀଙ୍କ ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

# ଦାନର ତିନୋଟି ବିଧି



ହିନ୍ଦୁ ଧର୍ମଶାସ୍ତ୍ରରେ ଦାନ କରିବାକୁ ଶୁଭ ବୋଲି କୁହାଯାଇଥାଏ। ଦାନ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ମତ ରହିଛି । ତେବେ ଦାନର ଶୁଭଫଳ ବିଷୟରେ ଆପଣଙ୍କୁ କିଛି ନା କିଛି ଜଣାଥିବ। କିନ୍ତୁ ଆପଣ ହୁଏତ ଏହାର କ୍ଷତି ବିଷୟରେ ଅବଗତ ନଥିବେ। ଅନେକ ସମୟରେ ଆପଣ ଏପରି କିଛି ଜିନିଷ ଦାନ କରିବସନ୍ତି,ଯାହା ପାଇଁ ପରବର୍ତ୍ତୀ ସମୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିଥାଏ ।

ଏଥିପାଇଁ ଶାସ୍ତ୍ରରେ ଦାନର ତିନୋଟି ବିଧି କଥା କୁହାଯାଇଛି । ତେବେ ଆସନ୍ତୁ ଜାଣିବା ଦାନ ବିଷୟରେ ଶାସ୍ତ୍ରରେ କ'ଣ ମତ ରହିଛି ।

ଶାସ୍ତ୍ରରେ ଦାନର ତିନୋଟି ସ୍ଥିତି ବିଷୟରେ ବର୍ଣ୍ଣନା କରାଯାଇଛି । ସର୍ବପ୍ରଥମେ କୁଣ୍ଡଳୀରୁ ଗ୍ରହଦୋଷ କାଟିବା ପାଇଁ ଦାନ କରାଯାଇଥାଏ। ଏହାର ଅର୍ଥ ଆପଣଙ୍କ କୁଣ୍ଡଳୀରେ ଯେଉଁ ଗ୍ରହ ଖରାପ ସ୍ଥିତିରେ ରହିଛି,ତାହାକୁ ଶାନ୍ତ କରିବା ପାଇଁ ଦାନ କରାଯାଇଥାଏ ।

ସେହିପରି ଦ୍ୱିତୀୟ ସ୍ଥିତିରେ ବ୍ରତ ଉପବାସ ପରେ ଭୋଜନ ଓ ବସ୍ତ୍ରର ଦାନ କରାଯାଇଥାଏ। ଏହାପରେ ଦାନ କଲେ ଆପରଙ୍କ ବ୍ରତ ସଫଳ ହୋଇଥାଏ ବୋଲି ଶାସ୍ତସ୍ତ୍ରରେର ଉଲ୍ଲେଖ ରହିଛି।

ତୃତୀୟ ବିଧିରେ କୌଣସି ଶପଥ କିମ୍ବା ପ୍ରତିଜ୍ଞା ନେବା ସମୟରେ କାର୍ଯ୍ୟ ସଫଳ ହେବା ପାଇଁ ଦାନ କରାଯାଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଭିନ୍ନ ଭିନ୍ନ ଗ୍ରହକୁ ଶାନ୍ତ କରିବା ପାଇଁ ଅଲଗା ଅଲଗା ବସ୍ତୁ ଦାନ କରନ୍ତୁ। କିନ୍ତୁ ଯଦି ଆପଣଙ୍କ କୁଣ୍ଡଳୀରେ ଗ୍ରହର ଦିଶା ଠିକ୍ ଅଛି,ତେବେ ଦାନକ କରନ୍ତୁ ନାହିଁ। ଏପରି କରିବା ଦ୍ୱାରା ଆପଣଙ୍କ ଜୀବନ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ।

# ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ଗ୍ରୀନ ମଟର



ସାଧାରଣତଃ ଶୀତ ଦିନେ ଗ୍ରୀନ ମଟର ହୋଇଥାଏ। ଗ୍ରୀନ ମଟର ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି । ଏହାକୁ ସବୁ ତରକାରୀରେ ବ୍ୟବହାର କରି ହୁଏ। ଅନେକ ଲୋକ ଏହାକୁ କଞ୍ଚା ଖାଇବାକୁ ମଧ୍ୟ ପସନ୍ଦ କରନ୍ତି। ତେବେ ଏହା କେବଳ ପାଟିକୁ ସୁଆଦିଆ ଲାଗେ ନାହିଁ,ଏଥିରେ ଅନେକ ଭିଟାମିନ ସହିତ ଔଷଧୀୟ ଗୁଣ ଭରି ରହିଥାଏ,ଯାହା ଶରୀର ପାଇଁ ବହୁତ ଭଲ । ତା'ହେଲେ ଆସନ୍ତୁ ଜାଣି ନେବା ଗ୍ରୀନ ମଟର ଖାଇଲେ କେଉଁ କେଉଁ ଲାଭ ମିଳେ।

- ଶୀତଦିନେ ଖାଦ୍ୟ ଠିକ ଭାବେ ହଜମ ହୁଏ ନାହିଁ । ଏହି ସମସ୍ୟାକୁ ଠିକ୍ କରିବାରେ ମଟର ସାହାଯ୍ୟ କରିଥାଏ । ଏଥିରେ ଥିବା ଫାଇବର ଡାଇଜେଷ୍ଟିଭ ସିଷ୍ଟମକୁ ଠିକ୍ ରଖିଥାଏ । ଫଳରେ କୋଷ୍ଠକାଠିନ୍ୟ ସମସ୍ୟା ହୋଇନଥାଏ ।
- ମଟରରେ ଅଧିକ ପରିମାଣରେ ଫାଇବର ଓ ପ୍ରୋଟିନ ଥିବାରୁ ଏହା ପେଟରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ । ଫଳରେ ପେଟ ପୂରିଲା ଲାଗେ ଓ ଭୋକ କମ୍ ହୋଇଥାଏ । ଭୋକ କମ୍ ହେଲେ ଖାଇବା କମ୍ ହୁଏ ଓ ଏହାଦ୍ୱାରା ଓଜନ ହ୍ରାସ ପାଏ ।
- ମଟରରେ ମ୍ୟାଗ୍ନେସିୟମ୍,ପୋଟାସିୟମ୍ ଓ କ୍ୟାଲସିୟମ୍ ରହିଛି । ଏସବୁ ତତ୍ତ୍ୱ ହାଇ ବ୍ଲଡ ପ୍ରେସର ଓ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ । ଫଳରେ ହାର୍ଟ ଆଟାକର ଆଶଙ୍କା କମ୍ ହୋଇଥାଏ ।
- ମଟର ଡାଇବେଟିସ ରୋଗୀଙ୍କ ପାଇଁ ମଧ୍ୟ ଭଲ ।
- ମଟରରେ ପ୍ରଚୁର ମାତ୍ରାରେ ଆଇରନ ରହିଛି । ଏହି ଆଇରନ୍ ଶରୀରରେ ଆଲର୍ଜିକୁ କମ୍ କରିଥାଏ ଏବଂ ଏନିମିଆ ସମସ୍ୟାକୁ ଦୂର କରିଥାଏ ।
- ମଟରରେର ଥିବା ଭିଟାମିନ ଓ ମିନେରାଲ୍ସ ରୋଗ ପ୍ରତିରୋଧ ଶକ୍ତିଙ୍କୁ ବଢାଇଥାଏ । ଫଳରେ ଶୀତଦିନେ ହେଉଥିବା ବିଭିନ୍ନ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ।
- ମଟରରେ କାରୋଟେନୋଏଡ ପିଗମେଣ୍ଟ ଲୁଟିନ ନାମରେ ଏକ ତତ୍ତ୍ୱ ରହିଛି,ଯାହା ଆଖି ପାଇଁ ଭଲ । ଏହା ଦୃଷ୍ଟିଶକ୍ତିକୁ ଠିକ୍ ରଖେ।

# ସୁନ୍ଦର କାରୁକାର୍ଯ୍ୟର କଥା ବଖାଣୁଛି 'ମା ଯୋଗମାୟା ଶକ୍ତିପୀଠ'



କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଶକ୍ତିପୀଠ ଭାବେ ପରିଚିତ ମା'ଯୋଗମାୟା ପୀଠ। ଏହି ପୀଠ ଜିଲ୍ଲାର ଗୁର୍ଜିମୁଣ୍ଡା ଗ୍ରାମ ଠାରେ ଅବସ୍ଥିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପୀଠକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥାଏ । ଜିଲ୍ଲାର କେସିଁଗାଁ ବ୍ଲକ ଠାରୁ ମାତ୍ର ୧୫ କିମି ଦୂରତା ରେ ଅବସ୍ଥିତ ଗୁର୍ଜିମୁଣ୍ଡା ଗ୍ରାମ ଯେଉଠି ରହିଛି ମାଁ ଯୋଗମାୟା ଦେବୀଙ୍କ ଶକ୍ତିପୀଠ। ଏଠାରେ ଅନେକ କିର୍ତ୍ତିରାଜି ରହିଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ଓ ଉଚ୍ଚକୋଟିର କାରୁକାର୍ଯ୍ୟରେ ଭରା ଏହି ମନ୍ଦିର ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ଏଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ମା ଯୋଗମାୟାଙ୍କ ପୀଠକୁ ଆସି ଯିଏଯାହା ମାନସିକ କରେ ତାହା ମା ପୂରଣ କରନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ ରହିଛି। ତେଣୁ ଏହି ପୀଠକୁ ରାଜ୍ୟ ତଥା ରାଜ୍ୟବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ଗୁର୍ଜିମଣ୍ଡା ମା ଯୋଗମାୟା ଦେବୀଙ୍କ ପୀଠ ମଧ୍ୟରେ ଦେଖିବାକୁ ମିଳେ ବହୁ ଉଚ୍ଚକୋଟିର କାରୁକାର୍ଯ୍ୟ। ଯାହା ଦେଖିଲେ ମନ ଭରିଯାଏ। ମନ୍ଦିର ର ମୁଖ୍ୟ ଦ୍ୱାର ଦେଇ ଗଲେ ପ୍ରଥମେ ମା ଯୋଗମାୟା ଦେବୀଙ୍କ ମନ୍ଦିର ପଡ଼େ । ମନ୍ଦିରର ପୂର୍ବଦିଗରେ ରହିଛି ଯଜ୍ଞ ମଣ୍ଡପ । ପଶ୍ଚିମରେ ଅଗ୍ରପୂଜ୍ୟ ଗଣେଷଙ୍କ ମନ୍ଦିର, ଉତ୍ତର ଦିଗରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବିରି ପୁରା ପାହାଡ଼ ଓ ଦକ୍ଷିଣ ଦିଗରେ ରହିଛନ୍ତି ବଜରଙ୍ଗବଲି । ମନ୍ଦିର ମଝିରେ ରହିଛି ବର୍ଷ ବର୍ଷ ଧରି ଅଖଣ୍ଡ ଜଳିବା ପାଇଁ ଏକ ଅଖଣ୍ଡ ଦ୍ୱିପ ଗୃହ । ସୁନ୍ଦର କାରୁକାର୍ଯ୍ୟ ସହିତ ମନୋରମ ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ସତରେ ନଦେଖିଲେ ଏହି ସୁନ୍ଦରତାକୁ ବିଶ୍ୱାସ କରିହେବ ନାହିଁ ।

ଏହି ବିରି ପୁରା ପାହାଡ଼ରେ ବହୁ କିର୍ତ୍ତିରାଜ ରହିଛି। ଲୋକ ମତ ଅନୁସାରେ ପୂର୍ବକାଳରେ ଏହି ବିରି ପୁରାପାହାଡ଼ ଗୁମ୍ଫା ମଧ୍ୟରେ ୩ ଜଣ ମୁନିଋଷି ତପଶ୍ୟା କରୁଥିଲେ । ପାହାଡ଼ ଉପରେ ସାତଟି କୁଅ ରହିଛି ଯାହା ବର୍ଷ ତମାମ ସୁଖେନାହିଁ ଏବଂ ସାତ ଭଉଣି ଦେବୀଙ୍କ ପୀଠ କୁଆଡ଼େ ଏଠାରେ ରହିଛି ବୋଲି ଲୋକେ ମତବ୍ୟକ୍ତ କରୁଥିବା ବେଳେ ଏହି ପାହାଡ଼କୁ ଦେବଗୁମ୍ଫା ବୋଲି କୁହାଯାଏ। ଏଠାରେ ଧବଳେଶ୍ୱର ଓ କପିଳେଶ୍ୱରଙ୍କ ଆଭିର୍ବାଭ ହୋଇଥିବା ବେଳେ ଏଠାରେ ପୂର୍ବକାଳରେ ମୁନିଋଷି ମାନେ ଏଠାରେ ପୂଜା କରିଆସୁଥିଲେ । ପରବର୍ତ୍ତି ସମୟରେ ଏଠାରେ ଏବେ ଜଣେ କୁମ୍ଭୀର ସଂପ୍ରଦାୟର ପୂଜକ ପାହାଡ଼ର ବିଭିନ୍ନ ସ୍ଥାନରେ ଥିବା ଦେବାନେବୀଙ୍କୁ ପୂଜା କରିଆସୁଛନ୍ତି ।



# ଚା'ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚାର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ ତ୍ୱଚା



ଉପରେ କୁପ୍ରଭାବ ପଡ଼େନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା' ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା'କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମଚରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ।

# ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣରେ ପାରଳା ମହାରାଜାଙ୍କ ଅବଦାନ ଅବିସ୍ମରଣୀୟ ଭୂମିକା

ଭୁବନେଶ୍ୱର, ୨୮।୪ (ମହାଭାରତ): ଉତ୍କଳମାତାର ଜଣେ ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ। ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ। ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ଦୁଇଥର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାଯର୍ୟ କରିଯାଇଛନ୍ତି ବୋଲି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ପ୍ରକାଶ କରିଛନ୍ତି।

ଆଜି ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଭୁବନେଶ୍ୱରସ୍ଥ ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଜ୍ୟୋତି ପ୍ରକାଶ ଦାସ କହିଲେ ଯେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏକାଧାରରେ ଜଣେ ସୁଯୋଗ୍ୟ ଶାସକ, ଜାତିପ୍ରାଣ, ଦକ୍ଷ ପ୍ରଶାସକ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନନ୍ୟ ବିଦ୍ଧାଣି ଥିଲେ। ମହାରାଜାଙ୍କର ମହିମାମୟ ବ୍ୟକ୍ତିତ୍ୱ ସହିତ ସ୍ୱାଭିମାନ, ଓଡ଼ିଆ ଅସ୍ମିତା ଏବଂ ଜାତୀୟତା ଭାବ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସେ ପ୍ରକାଶ କରିଥିଲେ।



ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ଜ୍ୟୋତି ରଞ୍ଜନ ମିଶ୍ର କହିଲେ ଯେ ବିଖଣ୍ଡିତ ଓଡ଼ିଶା ଏବଂ ଲୁପ୍ତପ୍ରାୟ ଓଡ଼ିଆ ଭାଷାର ପୁନରୁଦ୍ଧାର କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅପ୍ରାଣ ଉଦ୍ୟମ କରିଥିଲେ।

ଯୁବ ସଂସ୍କୃତି ଗବେଷକ ଶ୍ରୀ ବିଷ୍ଣୁମୋହନ ଅଧିକାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୀବନୀ, କୃତି ଓ କୀର୍ତ୍ତି ଉପରେ ନିଜର ସାରଗର୍ଭକ ବକ୍ତବ୍ୟ ରଖି କହିଲେ ଯେ ମହାରାଜା ପ୍ରକୃତରେ ଜଣେ ପ୍ରଦେଶିକ ବ୍ୟକ୍ତିତ୍ୱ ନଥିଲେ, ବରଂ ଜଣେ ରାଷ୍ଟ୍ରୀୟ ଖ୍ୟାତିସଂପନ୍ନ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରତିପାଦିତ କରିପାରିଥିଲେ। ଉତ୍କଳ ସମ୍ମିଳନୀରେ ଓଜସ୍ୱୀ ବକ୍ତବ୍ୟ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ତାଙ୍କର ପ୍ରତିବଦ୍ଧତା ବାସ୍ତବିକ ଅନନ୍ୟ। ଶିକ୍ଷା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ସଂଗୀତ ଏବଂ ଓଡ଼ିଶା ରାଜ୍ୟର ବିକାଶ ଆଦି ପ୍ରତ୍ୟେକ କ୍ଷେତ୍ରର ଉନ୍ନତିକଳ୍ପେ ସେ କାର୍ଯ୍ୟ କରିଥିଲେ ବୋଲି ଶ୍ରୀ ଅଧିକାରୀ ପ୍ରକାଶ କରିଥିଲେ।

ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଜଣେ ପ୍ରଜାନୁରଞ୍ଜନ ଶାସକ ଥିଲେ।

ଭାଷା, ସାହିତ୍ୟ, ସଂସ୍କୃତି ସହିତ ଏକ ଉନ୍ନତ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସେ ଉତ୍କର୍ଗୀକୃତ ଭାବେ କାଯର୍ୟ କରିଥିଲେ। ଦଶମ ଉତ୍କଳ ସମ୍ମିଳନୀରେ ତାଙ୍କର ଅଭିଭାଷଣ ଉପସ୍ଥିତ ବୁଦ୍ଧିଜୀବୀମାନଙ୍କୁ ଚମତ୍କୃତ କରିଥିଲା। କହିବାକୁ ଗଲେ ୧୯୩୬ ମସିହାର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମୂଳଦୁଆ ସେ ପକାଇଥିଲେ ବୋଲି ଶ୍ରୀ ସାମଲ ପ୍ରକାଶ କରିଥିଲେ। ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରର ସଭାପତି ଶ୍ରୀ ଦିଗ୍‌ବିଜୟ ନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶ୍ରୀ ପ୍ରଶାନ୍ତ ପାଢ଼ୀ ଓ ସାଥୀଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# +୨ ପିଲାଙ୍କୁ ଦିଆଯିବ ନିଟ୍ ଓ ଜେଇଇ କୋଚିଂ

ଭୁବନେଶ୍ୱର, ୨୮।୪ (ମହାଭାରତ): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା: ଗ୍ରୀଷ୍ମ ଛୁଟିରେ ଯୁକ୍ତଦୁଇ ପିଲାଙ୍କୁ ଦିଆଯିବ ନିଟ୍ ଓ ଜେଇଇ କୋଚିଂରାଜ୍ୟରେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବାରୁ ଲୋକମାନେ ଘରୁ ବାହାରି ପାରୁ ନାହାନ୍ତି। ଏପରି ସ୍ଥିତିରେ ସ୍କୁଲ ଓ କଲେଜ ପିଲାମାନେ ଘରୁ ବାହାରିବା ନିହାତି ପକ୍ଷେ କଷ୍ଟକର।

ସେଥିପାଇଁ ରାଜ୍ୟ ସରକାର ଗତ ୨୫ ତାରିଖଠାରୁ ଖରାଛୁଟି ଘୋଷଣା କରିଛନ୍ତି। ଏହି କ୍ରମରେ ରାଜ୍ୟର ସମସ୍ତ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ମଧ୍ୟ ଶିକ୍ଷାଦାନ ବନ୍ଦ ରହିଛି। ତେବେ ଖରା ଛୁଟିରେ ଯୁକ୍ତଦୁଇ ଛାତ୍ରଛାତ୍ରୀ ମାନଙ୍କୁ ନିଟ୍ ଓ ଜେଇଇ କୋଚିଂ ଦିଆଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏ ବାବଦରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଖରାଛୁଟି ସମୟରେ ଯୁକ୍ତଦୁଇ ଛାତ୍ରଛାତ୍ରୀଙ୍କୁ ନିୟମିତ ଭାବେ ନିଟ୍ ଓ ଜେଇଇ କୋଚିଂ ଦିଆଯିବ। ସରକାରୀ ଛୁଟି ଦିବସ ଓ ରବିବାରକୁ ଛାଡ଼ି ଅନ୍ୟ ଦିନମାନଙ୍କରେ ସକାଳ ୧୦ଟାରେ ଅନଲାଇନରେ କୋଚିଂ ଦିଆଯିବ। ଏହାଫଳରେ ଛାତ୍ରଛାତ୍ରୀଙ୍କର ଛୁଟି ସୁଦୁପଯୋଗ ହେବା ସହିତ ଶୈକ୍ଷିକ କାର୍ଯ୍ୟକ୍ରମ ଜାରି ରହିବ। ଛୁଟି ସମୟରେ ଶ୍ରେଣୀ ଶିକ୍ଷକ ପିଲାଙ୍କୁ ହୋମୱାର୍କ ପ୍ରଦାନ କରିବେ। ପିଲାଙ୍କର କୌଣସି ବିଷୟରେ ଦ୍ୱନ୍ଦ୍ୱ ରହିଥିଲେ ସେମାନେ ସେହି ବିଷୟର ଶିକ୍ଷକଙ୍କୁ ଫୋନରେ ଯୋଗାଯୋଗ କରିପାରିବେ। ଆବଶ୍ୟକ ପଡ଼ିଲେ ଶ୍ରେଣୀ ଶିକ୍ଷକମାନେ ପିଲା ଓ ଅଭିଭାବକଙ୍କ ସହ ଆଲୋଚନା କରିବେ। ସମଗ୍ର ଖରା ଛୁଟିରେ ଶିକ୍ଷକ ଓ କର୍ମଚାରୀମାନେ ରୋଷ୍ଟର ଡ୍ୟୁଟି କରିବେ। ଏଥିପାଇଁ ସ୍ୱତନ୍ତ୍ର ରେଜିଷ୍ଟରରେ ସମସ୍ତ ତଥ୍ୟ ଉଲ୍ଲେଖ କରାଯିବ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ କର୍ମଚାରୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ନ ଛାଡ଼ିବାରୁ ନିର୍ଦ୍ଦେଶ ଦିଆଯାଇଛି।

## 'ବିନା ସକ୍କର କୀ ଚାଏ'ର ପ୍ରଥମ ପର୍ଯ୍ୟାୟ ସୁଟିଂ ଶେଷ

ନୂଆଦିଲ୍ଲୀ : ପ୍ରଯୋଜକ ମୋହନ ନାଡାରଙ୍କ ନେତୃତ୍ୱ ଅଧିନରେ ଟିମୋ ପ୍ରଡକ୍ସନ୍ସ ଏଚ୍‌କ୍ୟୁ ଲିମିଟେଡ (ଟିପିଏଚ୍‌କ୍ୟୁ) ସଫଳତାର ସହ ଏହାର ନୂତନ ଫିଲ୍ମ 'ବିନା ସକ୍କର କୀ ଚାଏ'ର ପ୍ରଥମ ପର୍ଯ୍ୟାୟ ସୁଟିଂ କାର୍ଯ୍ୟ ଶେଷ କରିଛି। ଏହି ପ୍ରକଳ୍ପରେ ପ୍ରାୟ ୪୦ ମିଲିୟନ ଟଙ୍କା ଖର୍ଚ୍ଚ ହେବ ଏବଂ ଏହା କମ୍ପାନୀ ପାଇଁ ୫୫ରୁ ୬୦ ମିଲିୟନ ଟଙ୍କା ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ଫିଲ୍ମର ସମ୍ପୂର୍ଣ୍ଣ ସୁଟିଂ କାର୍ଯ୍ୟ ଆସନ୍ତା ମେ' ୫ ତାରିଖ ୨୦୨୪ରେ ଶେଷ ହେବ। ଫିଲ୍ମକୁ ମେ' ୩୧ ତାରିଖ ୨୦୨୪ରୁ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ କରାଯିବ। ଏହାପରେ ଫିଲ୍ମକୁ ବିଭିନ୍ନ ପ୍ଲାଟ୍‌ଫର୍ମରେ ରିଲିଜ କରାଯିବ। ଟିପିଏଚ୍‌କ୍ୟୁର ପରିଚାଳନା ନିର୍ଦ୍ଦେଶକ ମୋହନ ନାଡାର ଫିଲ୍ମର ନିର୍ଦ୍ଦେଶକ ସାଇ ଦେଓଧରଙ୍କ ଦକ୍ଷତାକୁ ପ୍ରଶଂସା କରି କହିଛନ୍ତି, "ଆମେ ସାଇ ଦେଓଧରଙ୍କୁ ନେଇ ଖୁବ୍ ଗର୍ବିତ, ଯାହାଙ୍କର ନିର୍ଦ୍ଦେଶନା ଦୃଷ୍ଟିକୋଣ ଏହି ଚିତାକର୍ଷକ କାହାଣୀରେ ଜୀବନ ଭରି ଦେଉଛି। 'ବିନା ସକ୍କର କୀ ଚାଏ' କେବଳ ଏକ କାହାଣୀ ନୁହେଁ ବରଂ ସ୍ୱପ୍ନ ଦେଖିବା ପାଇଁ ସାହସ କରୁଥିବା ବ୍ୟକ୍ତିମାନଙ୍କ ଅଦମ୍ୟ ଆଗ୍ରହର ଏକ ପ୍ରମାଣ ଅଟେ।

# ଲୋହିଆ ଏକାଡ଼େମୀରେ ୱାଙ୍ଗଚୁକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୮।୪ (ମହାଭାରତ): ରମଣ ମ୍ୟାଗାସେସେ ସମ୍ମାନର ଅଧିକାରୀ ତଥା ଲଦାଖର ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସମସ୍ୟା ସମାଧାନ ପାଇଁ ସତ୍ୟାଗ୍ରହ କରି ଦେଶ ତଥା ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ସୋନମ ୱାଙ୍ଗଚୁକ ଦିନିକିଆ। ଗସ୍ତରେ ଭୁବନେଶ୍ୱର ଆସି ଲୋହିଆ। ଏକାଡେମୀ ପରିସରରେ ପରିବେଶ ପାଇଁ ସେଠାରେ ଦେଖାଦେଇଥିବା ବିପତ୍ତି ଓ ସରକାରଙ୍କ ଭୁଲ ନୀତି ବାବଦରେ ଅଭିଭାଷଣ ପ୍ରଦାନ କରିଥିଲେ। ଲୋହିଆ। ଏକାଡ଼େମୀ, ଜନ ଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ଇନସାଫର ମିଳିତ ଆନୁକୁଲ୍ୟରେ ଲୋହିଆ। ଏକାଡ଼େମୀର ସମ୍ପାଦକ ଦେବ ପ୍ରସାଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ୱାଙ୍ଗଚୁକ କହିଲେ ଯେ,ଆମ ସରକାର ଭାରତକୁ ବିଶ୍ୱଗୁରୁ କରିବାକୁ ଚାହାନ୍ତି। ଆମେ ବି ଚାହୁଁ ଯେ ଭାରତ ବିଶ୍ୱଗୁରୁ ହେଉ। ତେବେ



ବସୁଧୈବ କୁଟୁମ୍ବକମ ନୀତିରେ ଏହା ହୋଇପାରିବ। ଅନ୍ଧାଧୁନ ପ୍ରାକୃତିକ ସମ୍ପଦର ଦୋହନରେ ଏହା ହୋଇପାରିବା ସମ୍ଭବ ନୁହେଁ। ଆମେ ଲଦାଖରେ ହିମାଳୟର ସୁରକ୍ଷା ନିମନ୍ତେ ସତ୍ୟାଗ୍ରହ ଚଳାଇଛୁ। ତେବେ ହିମାଳୟ ସୁରକ୍ଷିତ ରହିବା ଅର୍ଥ କେବଳ ଲଦାଖ ବା ଭାରତ ସୁରକ୍ଷିତ ରହିବ ନାହିଁ। ଏହା ସମଗ୍ର ବିଶ୍ ପାଇଁ ଜରୁରୀ। ହିମାଳୟର ନଦୀ ଗୁଡିକ ଚିରସ୍ରୋତା। ହେଲେ ଏସବୁ ନଦୀ ଗ୍ଲାସିଅରମାନଙ୍କ ଉପରେ ନିର୍ଭରଶୀଳ। ଏବେ କିନ୍ତୁ ଗ୍ଲାସିଅର ସବୁ ତରଳିବା ଆରମ୍ଭ କଲେଣି। ଆମ ଅଞ୍ଚଳରେ ଅନିୟମିତ ବର୍ଷା ଓ ବନ୍ୟା ଦେଖାଦେଲାଣି। ଯାହା ଆମପାଇଁ ଏକଦମ ନୂଆ। କଥା। ଯାହା ଏବେ ଘଟୁଛି, ସେପରି ସୁଦୂର ଅତୀତରେ କେବେବି ଘଟି ନଥିଲା। ବିକାଶର ପରିଭାଷା ବଦଳିବା ଦରକାର। ଲଦାଖରେ ଆମେ ଦୈନିକ ୫ ରୁ ୧୦ ଲିଟର ପାଣି ବ୍ୟବହାର କରୁ। ହେଲେ ୟୁରୋପ ଆମେରିକାର ଲୋକମାନେ ଶହେ ଦେଢଶହ ଲିଟର ପାଣି ପ୍ରତ୍ୟହ ବ୍ୟବହାର କରନ୍ତି।

ଏହି ପୃଥିବୀ ଏକ ପରିବାର ଭଳି। ଏହା ସମସ୍ତଙ୍କ ପାଇଁ ଏକ ଆଶ୍ରୟସ୍ଥଳ ଅଟେ। ଆମ ମଣିଷମାନଙ୍କର ଏହା ଯେମିତି ଆଶ୍ରୟସ୍ଥଳ, ସେମିତି ଜଙ୍ଗଲରେ ରହୁଥିବା ପଶୁପକ୍ଷୀମାନ ଓ ବୃକ୍ଷ ଲତାଙ୍କ ନିମନ୍ତେ ବି। ଆଜି ଆମେ ମିଛ ବିକାଶ ପଛରେ ଗୋଡାଉଛୁ। ଆମର ଅଭିବୃଦ୍ଧି ହାର ଆଠ ପ୍ରତିଶତ ଦରକାର ପୁଣି ଜିଡିପି ଦଶ ପ୍ରତିଶତ ଆବଶ୍ୟକ। ହେଲେ ଆମେ ଯଦି ଜୀବଜନ୍ତୁଙ୍କର ପ୍ରତିଶତ ଦେଖିବା, ତେବେ ଏହାର ଭୟାନକ ସ୍ଥିତି ଦେଖିବାକୁ ପାଇବା। ବିଗତ ପଚାଶ ବର୍ଷରେ ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କର ସତୁରୀ ପ୍ରତିଶତ ପ୍ରଜାତି ଲୋପ ପାଇସାରିଲେଣି। ତିରିଶ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇସାରିଲାଣି। ଆଉ ପଚାଶ ବର୍ଷରେ ଏମାନେ ସମୂଳେ ଲୋପ ପାଇଯିବେ। ସେତେବେଳେ ଯାଇ ଆମର ଏହି ହାୱାମହଲ ତାସଘର ଭଳି ଭୁସୁଡି ପଡିବ। କାରଣ ଆମେ ଏହି ଜୀବ ଜନ୍ତୁ, ଜଙ୍ଗଲମାନଙ୍କ ଉପରେ ନିର୍ଭରଶୀଳ।

## ଲୋରେଞ୍ଜି ଆପାରେଲ୍ସ ନିଜ ବୋନସ ସେୟାରକୁ ତାଲିକାଭୁକ୍ତ କରିବା ପାଇଁ ମଞ୍ଜୁରୀ

ନୂଆଦିଲ୍ଲୀ : ରେଡିମେଡ୍ ଗାର୍ମେଣ୍ଟର ଉତ୍ପାଦନ, ଡିଜାଇନ ଓ ମାର୍କେଟିଂ କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ଲୋରେଞ୍ଜି ଆପାରେଲ୍ସ ଲିମିଟେଡ ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହା ଏନ୍‌ଏସଇ ଓ ବିଏସ୍‌ଇରୁ ନିଜର ବୋନସ ସେୟାରଗୁଡ଼ିକୁ ତାଲିକାଭୁକ୍ତ କରିବା ପାଇଁ ଟ୍ରେଡିଂ ଅନୁମୋଦନ ହାସଲ କରିଛି ଯାହା ଏପ୍ରିଲ ୧୬ ତାରିଖ ୨୦୨୪ରୁ କାର୍ଯ୍ୟକାରୀ ହୋଇଛି। ଲୋରେଞ୍ଜି ଆପାରେଲ୍ସ ଲିମିଟେଡ ଉଭୟ ପୁରୁଷ ଓ ମହିଳାମାନଙ୍କ ବିବିଧ ଫ୍ୟାଶନ ଆବଶ୍ୟକତାକୁ ପୂରଣ କରୁଛି। ଫର୍ମାଲ, ସେମି-ଫର୍ମାଲ ଓ କାଜୁଆଲ ୱେୟାରର ଏକ ବିସ୍ତୃତ ଶୃଙ୍ଖଳା ସହିତ ଏହା ଆଧୁନିକ ଟ୍ରେଣ୍ଡ ଓ ଚିରସ୍ଥାୟୀ ଷ୍ଟାଇଲଗୁଡିକ ସହ ପ୍ରତିଧ୍ୱନିତ୍ୱ କରୁଥିବା ଗୁଣାତ୍ମକ ପୋଷାକ ପ୍ରଦାନ କରି ଗର୍ବ ଅନୁଭବ କରଛି। ରିଟେଲ ଆଉଟଲେଟ ଓ ଇକମର୍ସ ପ୍ଲାଟ୍‌ଫର୍ମଗୁଡିକ ମାଧ୍ୟମରେ ପରିଚାଳନା କରୁଥିବା ଏହି କମ୍ପାନୀ ନିଜ ଗ୍ରାହକଙ୍କ ପାଇଁ ଉପଲବ୍ଧତା ଓ ସୁବିଧା ଓ ସୁନିଶ୍ଚିତ କରୁଛି। ଏହାର ପରିଚାଳନାର କେନ୍ଦ୍ରରେ କଟିଙ୍ଗ, ଷ୍ଟିଚିଂ, ସିଓ୍ୱିଙ୍ଗ, ଫିନିଶିଂ, ଯାଂଚ୍ ଓ ପାକେଜିଂ ଅନ୍ତର୍ଭୁକ୍ତ ଥିବା ଏକ ଯତ୍ନଶୀଳ ଉତ୍ପାଦନ ପ୍ରକ୍ରିୟା ଅନ୍ତର୍ନିହିତ ରହିଛି।

## ଟୟୋଟା ପକ୍ଷରୁ 'ଟିଗ୍ଲୋସ୍'ର ଉନ୍ମୋଚନ

ଭୁବନେଶ୍ୱର, ୨୮।୪ (ମହାଭାରତ): 'ଗ୍ରାହକ-ପ୍ରଥମ' ଦର୍ଶନ ଅନୁଯାୟୀ ଟୟୋଟା କିର୍ଲୋସ୍କର ମୋଟର ପ୍ରାଇଭେଟ୍ ଲିଃ.(ଟିକେଏମ୍) ପକ୍ଷରୁ ଭାରତର ଗ୍ରାହକଙ୍କ ମଧ୍ୟରେ ଉଚ୍ଚମାନର ଏବଂ ନିର୍ଭରଯୋଗ୍ୟ କାର ସବିଶେଷ ସେବା ପାଇଁ ଦ୍ରୁତ ଗତିରେ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି 'ଟିଗ୍ଲୋସ୍' ସେବାର ଉନ୍ମୋଚନ କରାଯାଇଛି। ଟୟୋଟା ଯାନ ପାଇଁ ନିର୍ଦ୍ଦିଷ୍ଟ ଭାବରେ ଏହା ବିସ୍ତୃତ ସମାଧାନ ଯୋଗାଇବା ସହିତ କାର କେୟାର ଇଣ୍ଡଷ୍ଟ୍ରିକୁ ବୁଦ୍ଧିମନ୍ତ କରାଇବାକୁ ସକ୍ଷମ ହେବ। ୧ମେ' ୨୦୨୪ ଠାରୁ, ଭାରତର ପ୍ରତ୍ୟେକ ପ୍ରାଧିକୃତ ଟୟୋଟା ଡିଲରସିପରେ 'ଟିଗ୍ଲୋସ୍' ସେବା ପ୍ରଦାନ କରାଯିବ। ଏହା ଗ୍ରାହକମାନଙ୍କୁ ଏକ ଉଚ୍ଚ ବୃତିଗତ ଢଙ୍ଗରେ ବିତରଣ କରାଯାଇଥିବା ଗୁଣାତ୍ମକ କାର ଯତ୍ନ ସମାଧାନ ପାଇଁ ସୁବିଧାଜନକ ସୁବିଧା ପ୍ରଦାନ କରି ଏକ ଆନନ୍ଦଦାୟକ ମାଲିକାନା ଅଭିଜ୍ଞତାକୁ ନିଶ୍ଚିତ କରିବ।

କାର ନିର୍ମାତା ଭାବେ ଟୟୋଟା ପକ୍ଷରୁ ପ୍ରଥମେ ଏକ ଇଣ୍ଡଷ୍ଟ୍ରି ଭାବରେ, ଟିକେଏମ୍ ବ୍ରାଣ୍ଡ ଅଧୀନରେ, 'ଟିଗ୍ଲୋସ୍' ଉଭୟ ଭିତର ତଥା ବାହାରେ ଏକ ଯାନର ରୂପକୁ ବୃଦ୍ଧି କରିବା ପାଇଁ କ୍ୟୁରେଟେଡ ସେବା ପ୍ରଦାନ କରାଯିବ। ଏଥିରେ ସିରାମିକ ଆବରଣ, ଅଣ୍ଡରବଡ଼ି ଆବରଣ, ସାଇଲେନ୍ସର ଆବରଣ ଏବଂ ଆଭ୍ୟନ୍ତରୀଣ ପ୍ୟାନେଲ ସୁରକ୍ଷା ଅନ୍ତର୍ଭୁକ୍ତ କରାଯାଇଛି।

# ୩୫ ନମ୍ବର ୱାର୍ଡରେ ବିଜେଡିର ପ୍ରଚାର

ଭୁବନେଶ୍ୱର, ୨୮।୪ (ମହାଭାରତ): ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ଥିବା ବିଏମ୍‌ସିର ୩୫ ନମ୍ବର ୱାର୍ଡରେ ବିଜୁ ଜନତା ଦଳର କର୍ମୀମାନଙ୍କ ଦ୍ୱାରା ଉଭୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଓ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ସପକ୍ଷରେ ଆଗାମୀ ଦିନରେ ଜୟଯୁକ୍ତ କରିବା ପାଇଁ ଧୁଆଁଧାର ପ୍ରଚାର ଆରମ୍ଭ ହୋଇଯାଇଅଛି। ପ୍ରତିଦିନ ସକାଳୁ ବିଭିନ୍ନ ଚା ଖଟି ଓ ଜିମ୍ ଓ ପାର୍କ ପ୍ରଭୃତି ସ୍ଥାନ ମାନଙ୍କରେ ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳାମାନେ ଲୋକମାନଙ୍କୁ ଭେଟି ବିଜେଡିର କାର୍ଯ୍ୟକ୍ରମ ଓ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବୁଝାଉଥିବା ବେଳେ ଅପରାହ୍ନ ୪ ଘଟିକାରୁ ରାତି ୧୦ଟା ପର୍ଯ୍ୟନ୍ତ ମହିଳାମାନଙ୍କୁ ସାଙ୍ଗରେ ଧରି କର୍ପୋରେଟର ରଞ୍ଜୁଲତା ରାୟ ପ୍ରତି ଘର ଲୋକଙ୍କୁ ଭେଟି, ଦୋକାନ, ବଜାର ଏପରିକି ପଥଚାରୀମାନଙ୍କୁ ଭେଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବିକାଶମୂଳକ କାର୍ଯ୍ୟ ଏବଂ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବୁଝାଇବା ସହ କାହାର କ'ଣ ସମସ୍ୟା ଅଛି ଆଗାମୀ ଦିନରେ ସମାଧାନ କରିବାକୁ ଦୃଢ ପ୍ରତିଶ୍ରୁତି ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରୁଛନ୍ତି। ତତ୍‌ସଙ୍ଗେସଙ୍ଗେ ମଧ୍ୟ ବିଧାୟକ ଭାବେ ଶ୍ରୀ ଅନନ୍ତ ନାରାୟଣ ଜେନାଙ୍କୁ ଆଉଥରେ ବିଧାନସଭାକୁ ପଠାଇବା ପାଇଁ ଲୋକମାନଙ୍କୁ ବୁଝାଇବା ସହ ସବୁ ଘର କାନ୍ଥରେ ବିଜେଡିର ଷ୍ଟିକର ମାରୁଛନ୍ତି ଓ ସବୁ ଲୋକମାନଙ୍କୁ ଉଭୟ ପ୍ରାର୍ଥୀଙ୍କ ଫଟୋ ଥିବା ପୁସିଂ କାର୍ଡ ପ୍ରଦାନ କରୁଛନ୍ତି। ସମସ୍ତଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ବିଜେଡିକୁ ଆଗାମୀ ଦିନରେ ଜୟଯୁକ୍ତ କରିବା ପାଇଁ ସାଧାରଣ ଜନତାଙ୍କୁ କର୍ପୋରେଟ୍ ଶ୍ରୀମତୀ ରଞ୍ଜୁଲତା ରାୟ ଅନୁରୋଧ କରୁଛନ୍ତି।



# ନାଲକୋର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ

ଭୁବନେଶ୍ୱର, ୨୮।୪ (ମହାଭାରତ): ନାଲକୋ ଅଧ୍ୟକ୍ଷତାରେ ଆଜି ନାଲକୋ କର୍ପୋରେଟ କାର୍ଯ୍ୟାଳୟ ଠାରେ ଭୁବନେଶ୍ୱର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ୧୯ ତମ ଷାଣ୍ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଲକୋ ସିଏମଡି ଶ୍ରୀ ଶ୍ରୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ରାଜଭାଷା ବିଭାଗର ପୂର୍ବାଞ୍ଚଳ କ୍ଷେତ୍ରୀୟ ମୁଖ୍ୟ ଶ୍ରୀ ନିର୍ମଳ କୁମାର ଦୁବେଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଭାଷା ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା, ହିନ୍ଦୀ କର୍ମଶାଳା, ହିନ୍ଦୀ ପ୍ରତିଯୋଗିତା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ, ଉପ-କମିଟିଗଠନ, ସମିତି ପକ୍ଷରୁ ପତ୍ରିକା



ଏବଂ କାର୍ଯ୍ୟାଳୟରେ ହିନ୍ଦୀରେ କାର୍ଯ୍ୟବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ, ଗତ ତ୍ରୈମାସରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ମଧ୍ୟ ବୈଠକରେ ପୁରସ୍କୃତ କରାଯାଇଥିଲା।

ସଦସ୍ୟ କାର୍ଯ୍ୟାଳୟ ମାନଙ୍କ ଅଗ୍ରଗତିରେ ଖୁସି ବ୍ୟକ୍ତ କରିବା ଅବସରରେ ନାଲକୋ ସିଏମଡି ଶ୍ରୀ ଶ୍ରୀଧର ପାତ୍ର ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ ଏବଂ ମିଳିତ ପ୍ରୟାସ ମାଧ୍ୟମରେ ନିଜ କାର୍ଯ୍ୟାଳୟରେ ହିନ୍ଦୀର ବ୍ୟବହାର ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପାୱାର ଗ୍ରୀଡ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ, ସେଲ, ଏମସିଏଲ, ବିଏଚଇଏଲ, ଏଫସିଆଇ, ହୁଡକୋ, ବିଇଏମଏଲ, ଆରସିଏଫଏଲ, ଗେଲ, ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ, ଆରଆଇଏନଏଲ, ଏନଟିପିସି, ରାଇଟସ, ଆରଇସି, କଳିଙ୍ଗ ଅଶୋକ ହୋଟେଲ, ୱାପକସ, ସିଏମପିଡିଆଇ, ଏବଂ ଅନ୍ୟ ସରକାରୀ ଉପକ୍ରମ ଓ ଉଦ୍ୟୋଗମାନଙ୍କର ଅଧିକାରୀମାନେ ଯୋଗ ଦେଇଥିଲେ।

# ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଶ୍ରମିକ କନ୍‌ଭେନସନ



ଭୁବନେଶ୍ୱର, ୨୮।୪ (ମହାଭାରତ): ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ବ୍ରହ୍ମପୁରରେ ଶ୍ରମିକ କନଭେନସନ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟରେ ଶ୍ରମିକଙ୍କ ମଜୁରି ବୃଦ୍ଧି କରାଯାଇଛି। ୫୯ ବର୍ଷ ମଧ୍ୟରେ ଏକ କାଳୀନ ଦୈନିକ ୧୦୦ ଟଙ୍କା ମଜୁରୀ ବୃଦ୍ଧି କରିଛନ୍ତି। ଦୈନିକ ମଜୁରୀ ୩୪୬ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ରାଜ୍ୟରେ ଏକ କୋଟି ଶ୍ରମିକ ହେବେ ଉପକୃତ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୨ ଲକ୍ଷ ୪୮ ହଜାର ଶ୍ରମିକ ପଞ୍ଜିକୃତ ହୋଇଛନ୍ତି।

ବିଭିନ୍ନ ଯୋଜନାରେ ୩୫୨୪ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା, ମଜୁରୀ, ଖାଦ୍ୟ ଗ୍ୟାରେଣ୍ଟି ଦେଇଛି ରାଜ୍ୟ ସରକାର। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଯୁକ୍ତ ୩, ପିଜିର ୯୮ ପ୍ରତିଶତ ଛାତ୍ରଛାତ୍ରୀ ସ୍କଲାରସିପ୍ ପାଇବା ଦେଶରେ ବିରଳ। ସବୁ ସ୍ତରରେ ଶ୍ରମିକ ମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇ କୁଶଳୀ କରାଯାଉଛି। ଶ୍ରମିକମାନଙ୍କ ଉନ୍ନତି ପାଇଁ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ନବୀନ ସରକାର। ପୁଣି ଥରେ ନବୀନ ବିଜୟୀ ହୋଇ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ଶ୍ରମିକ ମାନଙ୍କ ଆହୁରି ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରିବେ। ଏଥିପାଇଁ ବିଜେଡ଼ି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଛନ୍ତି ବିଜେଡ଼ି ରାଜ୍ୟ ଶ୍ରମିକ ସାମ୍ମୁଖ୍ୟ ଏବଂ ଗୋପାଳପୁର ବିଜେଡ଼ି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା।

# ଶ୍ରୀଜଗନ୍ନାଥ ଭକ୍ତଙ୍କୁ ଯନ୍ତ୍ରଣା ଦେଉଛନ୍ତି ସରକାର

ଭୁବନେଶ୍ୱର, ୨୮।୪ (ମହାଭାରତ): ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଚାରି ଦ୍ୱାରର ଧାର୍ମିକ ମହତ୍ୱ ରହିଛି। କେବଳ ସେତିକି ନୁହେଁ ସେହି ଚାରି ଦ୍ୱାର ସଂପୂର୍ଣ୍ଣ ଖୋଲା ରହିଲେ ଭକ୍ତମାନେ ସୁରୁଖୁରୁରେ ଜଗା ଦର୍ଶନ କରିପାରନ୍ତେ। କିନ୍ତୁ ଓଡ଼ିଶାରେ ଶାସନରେ ଥିବା ବିଜେଡିର ହିନ୍ଦୁ ବିରୋଧୀ ସରକାର ଚାହାନ୍ତି ନାହିଁ ଯେ, ଜଗା ଦର୍ଶନ ସୁରୁଖୁରୁରେ ହେଉ। ଆମର ପୂର୍ବପୁରୁଷମାନେ ଶ୍ରୀମନ୍ଦିର ନିର୍ମାଣବେଳେ ମହତ୍ୱ ଉଦ୍ଦେଶ୍ୟ ନେଇ ଚାରି ଦ୍ୱାର ନିର୍ମାଣ କରିଥିଲେ। କେଉଁ ଅଜଣା କାରଣ ପାଇଁ ରାଜ୍ୟ ସରକାର ୪ଦ୍ୱାର ଖୋଲୁ ନାହାନ୍ତି, ତାହା ବଡ ଚିନ୍ତାଜନକ। କେବଳ ସିଂହଦ୍ୱାର ପଟେ ପ୍ରବେଶ ଅନୁମତି ରହୁଥିବାରୁ ସେଠାରେ ନାହିଁ ନଥିବା ଭିଡ ରହୁଛି। ଡହ ଡହ ଖରାରେ ମହାବାହୁ ଜଗନ୍ନାଥଙ୍କ ଭକ୍ତମାନେ ସିଂହଦ୍ୱାର ସମ୍ମୁଖରେ ଯନ୍ତ୍ରଣା ଭୋଗୁଛନ୍ତି। ରାଜ୍ୟ ସରକାରଙ୍କ ପ୍ରଯୋଜନାରେ ହୋଇଥିବା ଏହି ଭକ୍ତଙ୍କ ପାଦଚଲା ଯନ୍ତ୍ରଣା ବଡ କଷ୍ଟଦାୟକ। ସାରା ଓଡ଼ିଶା ସମେତ ରାଜ୍ୟ ବାହାରୁ ଆସୁଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତମାନେ ରାଜ୍ୟ ସରକାରଙ୍କ ଭୁଲ୍ ନିଷ୍ପତି ପାଇଁ ଦଣ୍ଡ ପାଉଛନ୍ତି। ଜଗନ୍ନାଥ ମନ୍ଦିର ପରମ୍ପରା ଓ ପରିଚାଳନାର ଜ୍ଞାନ ନଥିବା ଲୋକମାନେ ଆଜି ବିଜେଡି ସରକାରରେ ସର୍ବେସର୍ବା ହୋଇଥିବାରୁ ସମସ୍ତ ବିଭ୍ରାଟ ଘଟୁଛି ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ରାଜ୍ୟ ସରକାର କହିଥିଲେ ପରିକ୍ରମା ପ୍ରକଳ୍ପ ସରିବା ପରେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବେ ବୋଲି କିନ୍ତୁ ତାହା କଲେ ନାହିଁ। ବିଜେଡି ସରକାର ନିଜକୁ ଜଗନ୍ନାଥ ମନ୍ଦିରର ମାଲିକ ଭାବୁଛନ୍ତି କି ? ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ସାରା ବିଶ୍ୱର ମାଲିକ। ମହାପ୍ରଭୁ ଜଗନ୍ନାଥଙ୍କର ଭକ୍ତମାନେ



ହେଉଛନ୍ତି ପ୍ରିୟ। କିନ୍ତୁ ରାଜ୍ୟ ସରକାରଙ୍କର ହିନ୍ଦୁ ଓ ଜଗନ୍ନାଥ ବିରୋଧୀ ମାନସିକତା ପାଇଁ ଆଜି ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନେ ସୁରୁଖୁରୁରେ ଦର୍ଶନ ମଧ୍ୟ କରିପାରୁନାହାଁନ୍ତି। ଲାଗୁଛି ଯେମିତି ରାଜ୍ୟ ସରକାର ଷଡଯନ୍ତ୍ର କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରକୁ ଭକ୍ତମାନେ ନଆସନ୍ତୁ ବୋଲି। ଏଭଳି ହିନ୍ଦୁ ବିରୋଧୀ ଦଳର ସରକାରକୁ ଓଡ଼ିଶାର ଲୋକ ଏଥର ଉଚିତ ଜବାବ ଦେବେ। ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଯଦି ଚାରିଦ୍ୱାର ନ ଖୋଲନ୍ତି ତାହାଲେ ଭାରତୀୟ ଜନତା ପାର୍ଟି ଏନେଇ ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ଆଗରୁ ବିଜେଡି ସରକାରର ଜଗନ୍ନାଥ ସଂସ୍କୃତି ବିରୋଧୀ କାର୍ଯ୍ୟକଳାପ କଥା ସମସ୍ତେ ଜାଣିଛନ୍ତି। ନିଜର ଭୋଟ ପାଇଁ ବିଜେଡି ସରକାର ଜଗନ୍ନାଥ ମହାପ୍ରଭୁଙ୍କୁ ଭିକାରୀ ସଜାଇଥିଲେ।

କେବଳ ସେତିକି ନୁହେଁ ଶ୍ରୀମନ୍ଦିର ଭିତରେ ଉଷୁନା ଚାଉଳ ପୂରାଇ ଭୋଗ ଲଗାଇବାର ମହାପାପ କରିଥିଲେ। ଆଜିବି ଓଡ଼ିଶା ଲୋକ ପ୍ରଶ୍ନ କରୁଛନ୍ତି ଯେ, ପରିକ୍ରମା ପ୍ରକଳ୍ପ ସମୟରେ ସେମାନେ ଦେଇଥିବା ଦାନ ଟଙ୍କା କିଏ ଚଳୁ କଲା ? କୋଭିଡ ସମୟରେ ରଥଯାତ୍ରା ବନ୍ଦ କରିବା ପାଇଁ ବିଜେଡି ସରକାର ଅଦାଲତରେ ସତ୍ୟପାଠ ଦେଇଥିଲା। ନବୀନ ବାବୁଙ୍କ ୨୪ବର୍ଷ ସରକାର ସମୟରେ ରତ୍ନଭଣ୍ଡାର ଲୁଟ୍ ହୋଇଛି, ସ୍ୱର୍ଗଦ୍ୱାର ଜମି, ଅମୃତମଣୋହି ଜମି ହଡପ ହୋଇଛି। ରୂପାନ୍ତରିକରଣ ନାଁରେ ମଠ, ମନ୍ଦିର ଉପରେ ବୁଲଡୋଜର ଚଢ଼ା ଗଲା। ଏବେ ଚାରି ଦ୍ୱାରକୁ ବନ୍ଦ କରି ଭକ୍ତମାନଙ୍କୁ ଯନ୍ତ୍ରଣା ଦେଉଛନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ମହାଭାରତ
# ସାରାଂଶ
ଚଳନ୍ତି ସମୟର ଅବଶିଷ୍ଟାଂଶ



## ଲୋହିତ ସାଗରରେ ଆତଙ୍କ

ହମାସର ବର୍ବର ଆକ୍ରମଣ ପରେ ସ୍ୱାଭାବିକ ଭାବେ ଇସ୍ରାଏଲ ପ୍ରତିକ୍ରିୟାଶୀଳ ହୋଇଥିଲା ଏବଂ ହମାସ ଉପରେ ପ୍ରତିଶୋଧ ନେବା ପାଇଁ ପାଲେଷ୍ଟାଇନର ଗାଜା ସହର ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣକୁ ଆମେରିକା ଏବଂ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ର ସମର୍ଥନ କରିଥିବା ବେଳେ ଅନେକ ଇସଲାମିକ ରାଷ୍ଟ୍ର ଏହାକୁ ନିନ୍ଦା କରିଥିଲେ। ହମାସକୁ ସମର୍ଥନ କରୁଥିବା ରାଷ୍ଟ୍ର ମଧ୍ୟରେ ରହିଛନ୍ତି ଇରାନ, ସିରିଆ ଇତ୍ୟାଦି। ସେମାନଙ୍କୁ ଇସ୍ରାଏଲର ଆକ୍ରମଣ ଦେଖାଯାଉଛି କିନ୍ତୁ ହମାସର ବର୍ବରତା ଦେଖାଯାଉନି। ଋଷିଆ ଏବଂ ଚୀନ ଭଳି ରାଷ୍ଟ୍ର ମଧ୍ୟ ହମାସର ଏହି ବର୍ବରତା ପ୍ରତି ଆଖି ବୁଜି ଦେଇଛନ୍ତି। ଏହା ସେମାନଙ୍କର ଦୋମୁହାଁ ନୀତିକୁ ପ୍ରମାଣିତ କରୁଛି। ଇସ୍ରାଏଲର ଆକ୍ରମଣରେ ଗାଜା ଏବେ ଏକ ପ୍ରକାର ଧ୍ୱଂସ ସ୍ତୁପରେ ପରିଣତ ହୋଇଛି। ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏବେ ସୁଦ୍ଧା ଗାଜାରେ ୩୩ହଜାର ୧୩୭ ଜଣ ପ୍ରାଣ ହରାଇଥିବା କୁହାଯାଉଛି। କିନ୍ତୁ ବାସ୍ତବ ସଂଖ୍ୟା ୫୦ ହଜାରରୁ ଅଧିକ ହେବ। ହଜାର ହଜାର ବ୍ୟକ୍ତି ଏବେ ବି ନିଖୋଜ ଅଛନ୍ତି। ଅନେକ ଗାଜା ସହର ଛାଡ଼ି ପଳାୟନ କରିଛନ୍ତି। ଇସ୍ରାଏଲ ଆକ୍ରମଣରୁ ଗାଜାର ଅନେକ ହସ୍ପିଟାଲ ମଧ୍ୟ ବର୍ତ୍ତି ନାହାଁନ୍ତି। ଏହିସବୁ ହସ୍ପିଟାଲକୁ ହମାସ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରୁଥିଲା। ହସ୍ପିଟାଲ ଭିତରେ ବଙ୍କର ଖୋଳି ସେମାନେ ଏହା ଭିତରେ ଲୁଚି ରହିବା ସହିତ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ। ଯେଉଁମାନେ ହସ୍ପିଟାଲ ଉପରେ ଆକ୍ରମଣକୁ ମାନାଧିକାର ଉଲ୍ଲଘଂନ ବୋଲି ଅଭିଯୋଗ କରୁଛନ୍ତି ସେମାନେ ହମାସର କାର୍ଯ୍ୟକଳାପ ଦେଖିପାରୁନାହାଁନ୍ତି। ନିଜ ଦେଶର ନାଗରିକଙ୍କ ସୁରକ୍ଷା ଏବଂ ସାର୍ବଭୌମତ୍ୱ ରକ୍ଷା ଲାଗି ପ୍ରତ୍ୟେକ ଦେଶର ଅଧିକାର ରହିଛି। ତେଣୁ ହମାସ ଆକ୍ରମଣର ଜବାବ ଦେବାକୁ ଇସ୍ରାଏଲର ଗାଜା ଆକ୍ରମଣ ଯଥାର୍ଥ। ହମାସ ଏକ କୁଖ୍ୟାତ ଆତଙ୍କୀ ସଙ୍ଗଠନ ଏବଂ ଆଇଏସଆଇଏସ, ଅଲକାଏଦା ଏବଂ ତାଲିବାନ ଭଳି ଏହା ଇସଲାମୀକ ମୌଳବାଦୀ ଚିନ୍ତାଧାରାରେ ଉଦବୁଦ୍ଧ। ଏହାର କୌଣସି ନୀତି, ଆଦର୍ଶ ନାହିଁ। କେବଳ ଆତଙ୍କ ସୃଷ୍ଟି କରିବା, ଇସଲାମ ବିରୋଧୀଙ୍କୁ ହତ୍ୟା କରିବା, ନିରୀହ ମହିଳାଙ୍କୁ ବଳାତ୍କାର ଏବଂ ଅମାନୁଷିକ ଭାବେ ହତ୍ୟା କରିବା, ଲୁଟ କରିବା ହେଉଛି ଏହାର ଆଦର୍ଶ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହମାସକୁ ନିନ୍ଦା କରିବାକୁ ତଥାକଥିତ ଧର୍ମନିରପେକ୍ଷବାଦୀଙ୍କ ସତସାହସ ନାହିଁ। ଭାରତ ସବୁ ବେଳେ ଆତଙ୍କବାଦକୁ ବିରୋଧ କରି ଆସିଛି। ତେଣୁ ସ୍ୱାଭାବିକ ଭାବେ ଇସ୍ରାଏଲ ଆକ୍ରମଣକୁ ଭାରତ ସମର୍ଥନ କରିଛି। କିନ୍ତୁ ଗାଜାର ଅନେକ ନିରୀହ ବ୍ୟକ୍ତି ବିନା ଦୋଷରେ ଦଣ୍ଡିତ ହୋଇଛନ୍ତି। ଏହା ଦୁଃଖଦାୟକ। ଏଥିପାଇଁ ଗାଜା ଉପରେ ଆକ୍ରମଣ ବନ୍ଦ କରିବାକୁ ଏବଂ ଯୁଦ୍ଧ ବିରତି ଘୋଷଣା କରିବାକୁ ଅନେକ ଇସ୍ରା,ଲକୁ ଅନୁରୋଧ କରୁଛନ୍ତି। କିନ୍ତୁ ଇସ୍ରା,ଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହାକୁ ଅଗ୍ରାହ୍ୟ କରିଛନ୍ତି। ନେତାନ୍ୟାହୁ କହିଛନ୍ତି ଯେ, ଯେ ପର୍ଯ୍ୟନ୍ତ ହମାସ ମୁଣ୍ଡଜାମିନ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ମୁକ୍ତ କରିନାହିଁ ସେ ପର୍ଯ୍ୟନ୍ତ ଯୁଦ୍ଧ ବିରତିର ପ୍ରଶ୍ନ ଉଠୁନାହିଁ। ଏହା ପୂର୍ବରୁ ନେତାନ୍ୟାହୁ କହିଥିଲେ ଯେ, ହମାସକୁ ସମୂଳେ ଧ୍ୱଂସ କରିବା କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ। ଇତିମଧ୍ୟରେ ଇରାନ ଦମକ ଦେଇଛି ଯେ, ଏହା ଇସ୍ରାଏଲ ଉପରେ ଆକ୍ରମଣ କରିବ। ଆମେରିକା ନିଜକୁ ଏଥିରୁ ଦୁରେଇ ରଖିବା ଲାଗି ଇରାନ ଚେତାବନୀ ଦେଇଛି। ହମାସକୁ ସମର୍ଥନ କରି ଏକ ନିର୍ଦ୍ଦିଷ୍ଟ ଇସଲାମିକ ଆତଙ୍କୀ ସଙ୍ଗଠନ ଲୋହିତ ସାଗରରେ ଆତଙ୍କ ସୃଷ୍ଟି କରିଛି।

## ଆମ ଓଡ଼ିଆ ଫିଲ୍ମ

॥ ଗୁରୁପଦ ନାଥ ॥

ନିକଟରେ ଏ ନେଇ କିଛି କଳାକାରଙ୍କୁ ସାକ୍ଷା କରିଥିଲି । ସେମାନେ ଯାହା କହିଲେ ଚିନ୍ତାର ବିଷୟ। ନୂତନ କଳାକାରଙ୍କ ଟ୍ୟାଲେ କୁ ପ୍ରଶଂସା କରିଥିଲେ , ମାତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦାୟୀ କରିଛନ୍ତି । ଯେଉଁମାନେ ଗୋଟିଏ ସିନେମାର ମୁଖ୍ୟ ପୁରୋଧା । ଯେଉଁ କଳାକାରଟିଏ ଅଭିନୟ ଲାଗି ଆସୁଛି ମାତ୍ର ୩ରୁ ୪ଟି ଫିଲ୍ମ ପରେ ସେ ଅଭିନୟ ଛାଡ଼ି ରାଜନୀତିରେ ପଶୁଛି । ରୂପେଲି ପରଦାରେ ପରୀକ୍ଷା ଦେବା ଛାଡ଼ି ଗାଁ ମେଦାନରେ ଯାଇ ଭାଷଣ ଦେଉଛି । ଏଥିରେ କାହାର କ'ଣ କ୍ଷତି ଲାଭ ହେଉଛି ସେ ହିଁ ବିଚାର କରିବେ କିନ୍ତୁ ଆମ ଇଣ୍ଡଷ୍ଟ୍ରି ବୁଡ଼ି ଯାଉଛି ।

ଦୀର୍ଘ ୮୬ବର୍ଷରେ ପାଦ ଥାପି ଚାଲିଛି ଆମ ଓଡ଼ିଆ ଫିଲ୍ମ। ଆଉ ୧୪ବର୍ଷ ପରେ ସେ ତାର ଶତ ବାର୍ଷିକ ପାଳନ କରିବ। ମନେ ପକାଇବ ତା'ର ସମୃଦ୍ଧ ଇତିହାସକୁ । ଏହି ଯାତ୍ରା ସେତେଟା ସହଜ ନ ଥିଲା। ପଛକୁ ଅନାଇଲେ ଯେତିକି କଣ୍ଟକିତ ଦେଖାଯାଉଛି ସେତିକି ରଙ୍ଗୀନ ମଧ୍ୟ ରହିଛି । ୧୯୩୬ ମସିହା ୨୮ତାରିଖରେ ସୀତା ବିବାହରୁ ଆରମ୍ଭ ହୋଇଥିଲା ଏହି ସ୍ୱର୍ଣ୍ଣିମ ଯାତ୍ରା । ମାତ୍ର ଏବେ ଏହି ଯାତ୍ରାରେ କାହାର ଯେପରି ନଜର ଲାଗିଯାଇଛି । ସମସ୍ତେ ବ୍ୟସ୍ତ ଦୋଷ ଦେବା ଲାଗି । ଦର୍ଶକ ନିର୍ଦ୍ଦେଶକଙ୍କୁ ଆଉ ନିର୍ଦ୍ଦେଶକ ଦର୍ଶକଙ୍କୁ କଥା ରହିଲା ପ୍ରଯୋଜକ ସେ ସବୁ ଦେଖି ନିରୁପାୟ ।



ଫିଲ୍ମ ଆସୁଛି ମାତ୍ର ପୋଷ୍ଟରରେ ରହିଯାଉଛି । ବଡ଼ ତାରକା ହୋଟେଲରେ ପୋଷ୍ଟର ରିଲିଜ ହେଉଛି। କିନ୍ତୁ ତାହା ସେହି ଚରିକାନ୍ଥ ଓ ସୋସିଆଲ ମିଡ଼ିଆରେ ଗୋଟିଏ କିମ୍ବା ଦୁଇ ଦିନ ସୀମିତ ରହୁଛି । ତା'ପରେ କେହି କିଛି ଜାଣିପାରୁନାହାନ୍ତି । କରୋନା ପରେ ତ ହଲ୍ କଥା ନ କହିବା ଭଲ । ଯେତିକି ହଲ୍ ଥିଲା ତାହା ମଧ୍ୟରୁ କିଛି ବନ୍ଦ ହେବାକୁ ବସିଲାଣି । ଗୁଗୁଲରେ ସର୍ଚ୍ଚ କଲେ ତାହା ନଂ ୮୧ରେ ଅଛି । କିନ୍ତୁ ସେଥିରୁ ଅନେକ ମଧ୍ୟ ଏବେ ବନ୍ଦ ହେବାକୁ ବସିଲାଣି। ତଥାପି ଆମେ ଆମ ପ୍ରବୃତ୍ତି ଛାଡୁନାହୁଁ । ଅଭିଯୋଗର ଲମ୍ବା ଫର୍ଦ୍ଦ ଧରି ଆମେ ବସିଛୁ ସିନା ପ୍ରତିକାରର ସୂତ୍ର ବାହାର କରୁନାହୁଁ । ଯାହାଙ୍କୁ ପଚାରିଲେ ସେ କହୁଛନ୍ତି ଆମ ଓଡ଼ିଆ ଫିଲ୍ମ ଚାଲୁନି। ବେଶି ଟିକେ ପଚାରିଲେ କୁହନ୍ତି ଭଲ କାହାଣୀ ଆସୁନାହିଁ। କେହି ପ୍ରଯୋଜକ ରିସ୍କ ନେବାକୁ ଚାହୁଁ ନାହାନ୍ତି ଏଭଳି କିଛି ଉତ୍ତର ଆସୁଛି । ଯାହା ଆଜି ପ୍ରତିଟି ସିନେପ୍ରେମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

କଳାକାରମାନଙ୍କ କଥା ତ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଆମ ଫିଲ୍ମ ନ ଚାଲୁ ପଛେ କିନ୍ତୁ ଆମ ଷ୍ଟାରମାନଙ୍କର ଘରୋଇ ବିବାଦ ଏବେ ସୋସିଆଲ ମିଡ଼ିଆରେ ଭଲ ମାଇଲେଜ ନେଉଛି। ଭିୟୁର୍ସ କ୍ଷେତ୍ରରେ ହେଉ କି କମେ। ୟୁଟ୍ୟୁବ୍ ଖୋଲିଲେ ଏବେ ଓଲିଉଡ଼ର ସ୍ୱର୍ଣ୍ଣିମ କାହାଣୀ ନୁହେଁ କଳଙ୍କର ଚେହେରା ଦେଖିବାକୁ ମିଳୁଛି। କିଛି ଅଭିନେତା ଅଭିନେତ୍ରୀ ଏହାକୁ ନେଇ ସ୍ୱର ମଧ୍ୟ ଉଠାଉଛନ୍ତି । ଯାହା ଏବେ ଓଡ଼ିଆ ସିନେ ପ୍ରେମୀଙ୍କ ମନକୁ ଭାଙ୍ଗି ଦେଉଛି । ସେମାନେ ଏବେ ବଡ଼ ପରଦାରୁ ମୁହଁ ଫେରାଇ ଛୋଟ ପରଦା ଆଡ଼କୁ ଯାଉଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏବେ ହେଉଛି କି ପୂର୍ବ ଭଳି ବଡ଼ ପରଦାର ଅଭିନେତା ଅଭିନେତ୍ରୀ ଏବେ ଆଉ ଲୋକପରିଚିତ ହୋଇପାରୁନାହାନ୍ତି । ଯାହା ଏବେ ମୁଖ୍ୟ ସମସ୍ୟା ହୋଇଗଲାଣି । ପୂର୍ବରୁ ଗାଁର ଘରେ ଘରେ ଆମ ଅଭିନେତା ଅଭିନେତ୍ରୀମାନେ ପରିଚିତ ହେଉଥିଲେ। ଯେତେବେଳେ ଇଣ୍ଟରନେଟର ଅଭାବ ଥିଲା । ମାତ୍ର ଏବେ ୫ଜି ଯୁଗରେ ମଧ୍ୟ ଆମ କଳାକାରମାନେ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି । ଯାହା ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଛି । କିନ୍ତୁ ଆମ ଛୋଟ ପରଦାର କଳାକାରମାନେ ଏବେ ଘରେ ଘରେ ପରିଚିତ ଏଥିରେ ସନ୍ଦେହ ନାହିଁ।

ନିକଟରେ ଏ ନେଇ କିଛି କଳାକାରଙ୍କୁ ସାକ୍ଷା କରିଥିଲି । ସେମାନେ ଯାହା କହିଲେ ଚିନ୍ତାର ବିଷୟ। ନୂତନ କଳାକାରଙ୍କ ଟ୍ୟାଲେ କୁ ପ୍ରଶଂସା କରିଥିଲେ , ମାତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦାୟୀ କରିଛନ୍ତି । ଯେଉଁମାନେ ଗୋଟିଏ ସିନେମାର ମୁଖ୍ୟ ପୁରୋଧା । ଯେଉଁ କଳାକାରଟିଏ ଅଭିନୟ ଲାଗି ଆସୁଛି ମାତ୍ର ୩ରୁ ୪ଟି ଫିଲ୍ମ ପରେ ସେ ଅଭିନୟ ଛାଡ଼ି ରାଜନୀତିରେ ପଶୁଛି । ରୂପେଲି ପରଦାରେ ପରୀକ୍ଷା ଦେବା ଛାଡ଼ି ଗାଁ ମେଦାନରେ ଯାଇ ଭାଷଣ ଦେଉଛି । ଏଥିରେ କାହାର କ'ଣ କ୍ଷତି ଲାଭ ହେଉଛି ସେ ହିଁ ବିଚାର କରିବେ କିନ୍ତୁ ଆମ ଇଣ୍ଡଷ୍ଟ୍ରି ବୁଡ଼ି ଯାଉଛି । କେହି କେହି କୋହ ଭରା କଣ୍ଠରେ ମଧ୍ୟ କହିଛନ୍ତି। ଦୁଃଖ ଲାଗୁଛି ଭଲ କାହାଣୀ ଆସୁନାହିଁ। ଯାହାବି ହେଉଛି ପ୍ରଯୋଜକ ରିସ୍କ ନେବାକୁ ଚାହୁଁ ନାହାନ୍ତି । ଫଳରେ କମ୍ ବଜେଟରେ ଫିଲ୍ମ କରି ଛୋଟ ପରଦାରେ ହେଉ କି ଓଟିଟି ଫର୍ମାଟରେ ବିକ୍ରି କରିବାକୁ ପସନ୍ଦ କରୁଛନ୍ତି । ଯାହା ଏବେ ସମସ୍ତଙ୍କୁ ସୁହାଉଛି ୟ ମାତ୍ର ଭୁଲି ଯାଉଛନ୍ତି କି ବଡ଼ ପରଦା ବୋଲି ଗୋଟିଏ ଅଛି ।

କରୋନା ପରେ ଯଦି ଦେଖିବା ଅନ୍ୟ ଆଞ୍ଚଳିକ ଫିଲ୍ମ ଗୁଡ଼ିକ ଆମ ରାଜ୍ୟରେ ବେଶ ଭଲ ରୋଜଗାର କରି ଯାଇଛନ୍ତି । କିନ୍ତୁ ଆମେ ସେହି ପରଦା ସେହି ଦର୍ଶକ ହେଲେ ପସନ୍ଦର ଖୋରାକ ଯୋଗାଇବା ଲାଗି ସମର୍ଥ ହୋଇପାରୁନାହାନ୍ତି । ଯାହା ଏବେ ବେଶି ଚିନ୍ତା ପାଲଟିଛି । ଗତ କିଛି ଦିନ ତଳେ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୦ଘୋଷଣା କରାଯାଇଛି । ମାତ୍ର ଏଥିରେ ଆମ ଓଡ଼ିଆ ସିନେମାର ନାଁ ନାହିଁ । ଯାହାକୁ ନେଇ ଆମେ ଦୁଃଖ କରିବା ନା ବିବାଦ ଭିତରେ ଅଭିଯୋଗର ଲମ୍ବା ଫର୍ଦ୍ଦ ନେଇ ପୁଣି ଆଗକୁ ମାଡ଼ି ଚାଲିବା ।

ଏହି ତମାମ ବିଷୟ ଲେଖିବା ପୂର୍ବରୁ ଜାଣିବାକୁ ପାଇଲି କି ଆମ ଫିଲ୍ମ ମଧ୍ୟ ଚାଲିପାରିବ । ଆମକୁ ତ୍ରୁଟି ସୁଧାରି ଆଗକୁ ଯିବାକୁ ପଡ଼ିବ। କାହିଁକି ନା ଗତ କିଛି ଦିନ ତଳେ ଏକ ଫିଲ୍ମ ହଲ୍ ନିକଟରେ ଜଣେ ବନ୍ଧୁ ଦେଖାହେଲେ, ମୁଁ ପଚାରିଲି ଏଠି କ'ଣ। ସେ କହିଲେ ଫିଲ୍ମ ଦେଖିବାକୁ ଆସିଛି । ମୁଁ କହିଲି ମାତ୍ର ଏତେବେଳୁ ସମୟ ତ ଆହୁରି ୧.୧୫ମିନଟ ବାକି ଅଛି । ସେ କହିଲେ ଚଳିବ ଫିଲ୍ମର ଟିକେଟ ବି ମିଳିବା ଦରକାର। ମୋ ମନରେ ଏଭଳି ଉତ୍ତର ଆନ୍ଦୋଳିତ କରିଥିଲା। ଏପରି ବି ନଜିର ଆସିଥିଲା ପୂର୍ବରୁ ଗତ କିଛି ମାସ ହେବ ରାଜ୍ୟରେ ଅନ୍ୟ ଆଞ୍ଚଳିକ ଫିଲ୍ମ ପଡ଼ିଥିବାବେଳେ ଦର୍ଶକମାନଙ୍କ ଉତ୍ସୁକତା ଦେଖି ୨୪ଘଣ୍ଟା ଖୋଲା ରହିଥିଲା ଫିଲ୍ମ ହଲ। ତେବେ ମନରେ ପ୍ରଶ୍ନ ଉଠୁଛି ଆମ ମାଟିର ମହକୁ ଥିବା କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ଫିଲ୍ମ ଦେଖିବା ଲାଗି ଆଉ କେତ ଦିନ ଅପେକ୍ଷା କରିବେ ଓଡ଼ିଆ ସିନେପ୍ରେମୀ।

ମୋ.୮୯୦୮୮୩୪୭୩୪

## ହେଳା, ଭେଳା, ଅବହେଳା

॥ ଶ୍ୟାମ ସୁନ୍ଦର ସାମଲ ॥

ହେଳାରୁ ବା ଭେଳା ବୁଡ଼େ ବୋଲି ଏକ ଲୋକକଥା ଅଛି। ହେଲେ ଅବହେଳା ଆଉ ଏକ ଅକ୍ଷମଣୀୟ ଗୁରୁତ୍ୱପୂର୍ଣ୍ଣ ଦିଗ। ଅବହେଳା ମଣିଷର ଚରିତ୍ର ଦୃଷ୍ଟିକୋଣରୁ ହୋଇପାରେ, ଆଦର୍ଶ, ବୃତ୍ତିଗତ, ଚିନ୍ତନ, ଆଧାତ୍ମିକ, ଆର୍ଥିକ ବି ହୋଇପାରେ। ତେବେ ଅବହେଳା ଗୁରୁତର ହେଲେ ଏହା ମାନବୀୟ ଜୀବନରେ ବଡ଼ ଦୁଃଖର ଓ ଅବଶୋଷର କାରଣ ପାଲଟେ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜ ପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତଙ୍କୁ ନେଇ ତାର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି।

ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟ ଦକ୍ଷତା ଶୁଣିବା ପରେ ସେ ବଡ଼ ବିଶାଦ ଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେ ଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହା ସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘ ଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତାର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତ ଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି।

ଲେନ୍ସରେ ଦୀର୍ଘ ଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ୍ୟ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ୍ୟ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା ? ବ୍ୟସ୍ତତା, ଭାବପ୍ରବଣତା ନାଁ ଆଉ କିଛି ? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ।

୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେ ସବୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜ ସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲା। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁ ରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମ ସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଣାପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବାମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଶମ ପାଇବା ପାଇଁ। ଡାକ୍ତର ତ ଦ୍ୱିତୀୟ ଭଗବାନ କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଷମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ।

ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀଙ୍କୁ ସ୍ନେହ ଶ୍ରଦ୍ଧା ଦେବାରେ ହେଳା କରିନଥାନ୍ତି। ଅନୁରାଗ ବାବୁ ତାଙ୍କ ଜୀବନରେ ହେଳା ତ ପ୍ରଶ୍ନ ଉଠୁନି ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କ ଠାରୁ ପ୍ରାପ୍ତ ହେଉଛନ୍ତି ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁମୂର୍ଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥାନ୍ତି ତାର ନେପଥ୍ୟ ଏହି ମହନୀୟ ଡାକ୍ତର ବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇ ନେବା ଉଚିତ।

ବିଡ଼ାନାସୀ ବନ୍ଧଛକ, କଟକ
ଦୂରଭାଷ : ୯୭୭୮୬୩୫୯୨୬

## ହିଂସା ଓ ପ୍ରତିହିଂସାର ପୃଷ୍ଠଭୂମି

॥ ଗୋପବନ୍ଧୁ ॥

ହିଂସାରୁ ଜାତ ପ୍ରତିହିଂସା । ପ୍ରତିହିଂସା ହେଉଛି ହିଂସାର ପ୍ରତିକ୍ରିୟା । ଘୃଣା, ଦ୍ୱେଷ ଓ ଅସହିଷ୍ଣୁତାରୁ ହିଂସାଭାବ ଜାତ ହୁଏ । ପୁଣି ହିଂସାରୁ ପ୍ରତିହିଂସା ଜାତହୁଏ ଏବଂ ଏ ପ୍ରକ୍ରୀୟା ଆଗକୁ ବଢ଼ିଚାଲେ । ଏହା ହଠାତ୍ ସମାପ୍ତ ହୁଏ ନାହିଁ । କ୍ରମେ ସଂକ୍ରମିତ ହୋଇ ଆହୁରି ବଢେ । ସାମାଜିକ ପରିବେଶ ଏପରି ଭାବନାକୁ ମନୁଷ୍ୟର ମନରେ ରୋପିତକରେ । କ୍ରମେ ତାହା ଦାନାବାନ୍ଧେ ଏବଂ ସମସାମୟିକ ପରିସ୍ଥିତି ଏହାକୁ ଆହୁରି ପରିବ୍ୟାପ୍ତ ଓ ପରିପକ୍ୱ କରେ । ହିଂସା ଓ ପ୍ରତିହିଂସା ଯେତେବେଳେ ସାମାଜିକ ଚେତନାର ରୂପନିଏ ଏହା ପିଢିପରେ ପିଢି ଉଦଜିବିତ ରହେ । ଏପରି ଭାବନାକୁ ପବନ ଦେବାରେ ପରିବାର, ଜାତି, ଧର୍ମ ଓ କେତେକ କ୍ଷେତ୍ରରେ ଶିକ୍ଷାବ୍ୟବସ୍ଥା ଆଦୌ ଅବହେଳା କରେନାହିଁ । ରାଜନୈତିକ ପରିବେଶ ଯେତେବେଳେ ଏପରି ପରିସ୍ଥିତିରୁ ଫାଇଦା ନେବାକୁ ଚେଷ୍ଟାକରେ ସେତେବେଳେ ଏହା ରାଷ୍ଟ୍ରୀୟ ରୂପରେଖ ଧାରଣକରେ ଏବଂ ରାଷ୍ଟ୍ର ହିଂସାବାଦର ପୃଷ୍ଠପୋଷକ ବନିଯାଏ। ପ୍ରାରମ୍ଭିକ ଅବସ୍ଥାରେ ଏପରି ପରିସ୍ଥିତି ରାଜନୈତିକ ଫାଇଦା ଦିଏ । ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ସେତେବେଳେ ଏହା ଭୟଙ୍କର ରୂପ ଧାରଣକରେ। ବାଘ ପିଞ୍ଜରା ଭିତରେ ଥିବା ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥାଏ । ପିଞ୍ଜରାରୁ ବାହାରିଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ । ଠିକ୍ ସେହିପରି ନିଜ ସ୍ୱାର୍ଥପାଇଁ ଯେଉଁ ହିଂସାର ମଞ୍ଜି ବୁଣାଯାଏ, ତାହା କ୍ଷୀପ୍ରଭାବେ ବଂଶ ବିସ୍ତାରକରେ ଓ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ। ପୁଣି ଏହାକୁ ନିୟନ୍ତ୍ରିତ କରିବାପାଇଁ କଷ୍ଟସାଧ ଓ ସମୟସାପେକ୍ଷ ହୁଏ।

ଭାରତବର୍ଷରେ ଧାର୍ମିକ ଓ ଜାତିଗତ ବିଦ୍ୱେଷର ମଞ୍ଜି ବହୁପୂର୍ବରୁ ବୁଣାହୋଇଛି । ସ୍ୱାଧୀନତାପରେ ଏହାର ମୂଳୋତ୍ପାଟନ ହେବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ଏବେ ଏହା ନୂତନ ରୂପରେ ଓ ନୂତନ ଢଙ୍ଗରେ କାୟା ବିସ୍ତାର କରୁଛି । ରାଜନୀତି ଏଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛି । ଶାନ୍ତି, ମୈତ୍ରୀ, ସମାନତା, ମାନବତା, ପ୍ରଗତିଶୀଳତା ପ୍ରଭୃତି ମହନୀୟ ଗୁଣକୁ ଆଧାରକରି ରାଜନୀତି କରିବା ପରିବର୍ତ୍ତେ ହିଂସା-ପ୍ରତିହିଂସା, ଘୃଣା-ଦ୍ୱେଷ, ଭଙ୍ଗା-ରୁଜା, ଗାଳି-ଗୁଲଜ, ରାଗ-ପ୍ରତିଶୋଧର ରାଜନୀତି ଆରମ୍ଭ ହୋଇଛି । ବିକାଶ ପରିବର୍ତ୍ତେ ଧାର୍ମିକ ଉନ୍ମାଦନା ସୃଷ୍ଟିକୁ ମୁଖ୍ୟ ବିଷୟଭାବେ ଗ୍ରହଣ କରାଯାଉଛି । ଧାର୍ମିକ ବିଦ୍ୱେଷର ମଞ୍ଜିବୁଣି ଧର୍ମ ଆଧାରରେ ଭୋଟର ଧ୍ରୁବୀକରଣ ପାଇଁ ପ୍ରୟାସ ହେଉଛି । ହିନ୍ଦୁ ଭୋଟର ଏକତ୍ରୀକରଣ, ମୁସଲମାନ ଭୋଟର ଏକତ୍ରୀକରଣ, ଶିଖ୍ ଭୋଟର ଏକିତ୍ରିକରଣ, ଲିଙ୍ଗାୟ୍ତ ଭୋଟର ଏକତ୍ରୀକରଣ ପାଇଁ ଚେଷ୍ଟା ହେଉଛି । ଏଥିପାଇଁ ଧାର୍ମିକ ବିଦ୍ୱେଷ ବିଷୟ ଖୋଜା ହେଉଛି ଓ ଲୋକଙ୍କ ମଧ୍ୟରେ ବଣ୍ଟା ହେଉଛି । ଧାର୍ମିକ ମଞ୍ଚରୁ ଗୋଟିଏ ଧର୍ମର ବଡବଡ଼ିଆମାନେ ଅନ୍ୟ ଧର୍ମର ଲୋକଙ୍କୁ ଗାଳି ଦେଉଛନ୍ତି । ରାଜନୈତିକ ମଞ୍ଚରୁ ମଧ୍ୟ ଧର୍ମ ଭିତ୍ତିରେ ଗାଳିଗୁଲଜ ହେଉଛି । ସମାଜରେ, ପରିବାରରେ, ଚା ଖଟିରେବି ଧାର୍ମିକ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରାଯାଉଛି । ଶିଶୁଟି ଜନ୍ମରୁ ଭିନ୍ନଧର୍ମ ଓ ଜାତିପ୍ରତି ଧାର୍ମିକ ଓ ଜାତିଗତ ଘୃଣା ଶୁଣି ଶୁଣି ବଢୁଛି ।

ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁଁ ଧାର୍ମିକ ମୌଳବାଦ ବଢୁଛି । ଧର୍ମ ଆଧାରରେ ମୋବ୍ ଲିନଚିଂ ହେଉଛି । ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯାତନା ଦିଆଯାଉଛି । ତାଙ୍କୁ ହତ୍ୟା ମଧ୍ୟ କରାଯାଉଛି । ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ୍ୟ ଅଛି । ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି । ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ । ଏବେ ଦେଶରେ ଯେଉଁ ଧାର୍ମିକ ହିଂସା ଅନୁଷ୍ଠିତ ହେଉଛି ତାହାର ସୃଷ୍ଟି ତତକ୍ଷଣାତ ନୁହେଁ । ଏହା ଦୀର୍ଘ ମାନସିକତାର ପ୍ରତିଫଳନ । ଧର୍ମ ଓ ଜାତିକୁ ନେଇ ଯେଉଁ ହିଂସାତ୍ମକ ଚେତନା ସମାଜରେ ଘୁରିବୁଲୁଛି, ତାହା ବେଳେବେଳେ କର୍ମରେ ପ୍ରକାଶିତ ହୁଏ । ଫଳରେ ହତ୍ୟା, ଗଣହତ୍ୟା, ମୋବ୍ ଲିନଚିଂ, ସାମ୍ପ୍ରଦାୟିକ ଦଙ୍ଗା, ଧର୍ମାନୁଷ୍ଠାନ ପୋଡ଼ାଜଳା, ଧର୍ମ ଓ ଜାତିକୁ ନେଇ ଗାଳିଗୁଲଜ ଇତ୍ୟାଦି ସମ୍ମୁଖକୁ ଆସୁଛି । ନିକଟରେ ରାଜସ୍ଥାନର ଉଦୟପୁରରେ ହୋଇଥିବା ଜଘନ୍ୟ ହତ୍ୟା ମଧ୍ୟ ଏହାର ପ୍ରତିଫଳନ । ଦୁଇଜଣ ଭିନ୍ନ ସମ୍ପ୍ରଦାୟର ଯୁବକ ନନ୍ଦଲାଲକୁ ହତ୍ୟା କରିବା, ନନ୍ଦଲାଲ ନୂପୁର ଶର୍ମାର ସପକ୍ଷରେ ସାମାଜିକ ଗଣମାଧ୍ୟମରେ ଲେଖିବା, ନୂପୁର ଶର୍ମା ଦୂରଦର୍ଶନ ଆଲୋଚନାରେ ଇସଲାମ୍ ଧର୍ମଗୁରୁଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେବା, ସେ କୋଉଠୁ ନା କୋଉଠୁ ଏ ବିଷୟରେ ଶିକ୍ଷାଲାଭ କରିବା, ପ୍ରତିପକ୍ଷ ମଧ୍ୟ ତାଙ୍କୁ ଉସୁକାଇବା, ସାମାଜିକ ପ୍ରତିକ୍ରିୟାକୁ ସେମାନେ ଦୂରଦର୍ଶନରେ ରଖିବା ଇତ୍ୟାଦି ସମସ୍ତ ବିଷୟ ଗୋଟିଏ ଲମ୍ବା ଶିକୁଳିର ଗୋଟିଏ ଗୋଟିଏ କଡି ମାତ୍ର। ଏ ସମସ୍ତ ପାଇଁ କାହାକୁ ଦାୟୀ କରାଯିବା ଉଚି ? ଯିଏ ପରଦାର ସମ୍ମୁଖରେ ହିଂସା ପ୍ରଦର୍ଶନ କରୁଛି ସିଏ ନା ଯିଏ ଏଥିପାଇଁ ସମାଜରେ ବିଷମଞ୍ଜି ବୁଣିଆସିଛି ସିଏ ? ପ୍ରକୃତପକ୍ଷେ ଉଭୟେ ଦାୟୀ । ଯେଉଁ ରାଜନୈତିକ ଦଳ ଓ ସଂଗଠନଗୁଡ଼ିକ ଏହି ମାନସିକତାର ପୃଷ୍ଠପୋଷକତା କରିଆସିଛନ୍ତି ସେମାନେ ଅଧିକ ମାତ୍ରାରେ ଦାୟୀ । ଯେଉଁ ଗଣମାଧ୍ୟମଗୁଡ଼ିକ ବିଶେଷକରି ଦୂରଦର୍ଶନ ଚାନେଲଗୁଡ଼ିକ ଦିନରାତି ଘୃଣାର ମଞ୍ଜି ବୁଣି ଚାଲିଛନ୍ତି ସେମାନେ ମଧ୍ୟ ଖସିଯାଇ ପାରିବେ ନାହିଁ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ଅବ୍ୟବସ୍ଥା ଘେରରେ ଚାନ୍ଦପୁର ବସନ୍ତ ମଞ୍ଜରୀ ଚିକିତ୍ସାଳୟ: ରୋଗୀ ସେବା ବ୍ୟାହତ




ରଣପୁର, (ମହାଭାରତ) : ରଣପୁର ବ୍ଲକ୍ ଅନ୍ତର୍ଗତ ଚାନ୍ଦପୁର ସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ନାହିଁ ନାହିଁରେ ଚାଲିଛି। ଏଠାରେ ୪୦ଜଣ ଡାକ୍ତରଙ୍କ ବ୍ୟବସ୍ଥା ଥିବା ସ୍ଥଳେ ଏବେ ମାତ୍ର ୮ଜଣ ଡାକ୍ତର ଅଛନ୍ତି। ଫଳରେ ରୋଗୀ ସେବା ବ୍ୟାହତ ହେବା ଯୋଗୁ ଅଞ୍ଚଳରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି। ଚାନ୍ଦପୁର ବଜାର ସ୍ଥିତ ରାଜ୍ୟର ସର୍ବବୃହତ୍ ଯକ୍ଷ୍ମା ଡାକ୍ତରଖାନା ଏବେ ବହୁ ଅବ୍ୟବସ୍ଥା ଦେଇ ଗତି କରୁଥିବା ଲକ୍ଷ୍ୟ କରାଯାଇଛି। ସୂଚନା ଅନୁଯାୟୀ ରଣପୁରର ତତ୍କାଳୀନ ରାଣୀ ସ୍ୱର୍ଗତା ବସନ୍ତ ମଞ୍ଜରୀ ଦେବୀ ଏହି ଡାକ୍ତରଖାନାକୁ ପ୍ରତିଷ୍ଠା କରିଥିଲେ। ରାଜ୍ୟର ସର୍ବ ପୁରାତନ ଏହି ଯକ୍ଷ୍ମା ଡାକ୍ତରଖାନା ରୋଗୀସେବା କ୍ଷେତ୍ରରେ ୨୫ ବର୍ଷ ତଳେ ଦେଶରେ ସୁନାମ ଅର୍ଜନ କରିଥିଲା। ଏଭଳି ଅନିୟମିତତା ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷ ଙ୍କ ଠାରୁ ମିଳିଥିବା ସୂଚନା ମୁତାବକ ଡାକ୍ତରଖାନାରେ ୪୦ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବାବେଳେ ଏବେ ମାତ୍ର ୮ ଜଣ ଡାକ୍ତର ଥିବା କହିଛନ୍ତି। ଅନ୍ୟ ଜଣେ ଡାକ୍ତର କିଛି ମାସ ହେଲା ପ୍ରସବକାଳୀନ ଛୁଟିରେ ଘରକୁ ଯାଇଥିବା କହିଛନ୍ତି। ଡାକ୍ତରଙ୍କ ଅଭାବରୁ ନାନା ସମସ୍ୟା ସୃଷ୍ଟି ହୋଇଛି। ଅପରପକ୍ଷେ ରାଜ୍ୟ ସରକାର ଏହି ଚିକିତ୍ସାଳୟରେ ଟ୍ରମାକେୟାରର ବ୍ୟବସ୍ଥା ନିମନ୍ତେ ଘୋଷଣାନାମା ଜାରି କରିଥିଲେ ହେଁ ଏବେ ତାହା କାଗଜ କଲମରେ ସୀମିତ ରହିଛି। ସେହିପରି କର୍ମଚାରୀ ଅଭାବରୁ ଡାକ୍ତରଖାନାକୁ ଆସୁଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଯନ୍ତ୍ରପାତି ବ୍ୟବହାର ନହୋଇ ଖତ ହେଉଛି। ଡାକ୍ତରଖାନାରେ ଯେତିକି କର୍ମଚାରୀ ଅଛନ୍ତି, ସେମାନେ ମଧ ନିୟମିତ ଡାକ୍ତରଖାନାକୁ ଆସୁନଥିବା ଅଭିଯୋଗ ହେଉଛି। ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଥିଲେ ହେଁ ଏବେ ବି ୨୮ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଥିବା ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି। କିନ୍ତୁ କୌଣସି ସ୍ଥାୟୀ ଯକ୍ଷ୍ମା ବିଶେଷଜ୍ଞ ଡାକ୍ତର ନଥିବା ସ୍ଥଳେ ଚିକିତ୍ସା ନିମନ୍ତେ ଭୁବନେଶ୍ୱରରୁ ଡାକ୍ତର ପ୍ରତି ସପ୍ତାହରେ ୨ଥର ପାଳି କରି ହସ୍ପିଟାଲକୁ ଯାଉଥିବା ଜଣାପଡ଼ିଛି। ତେବେ ଦିନେ ଯେଉଁ ଡାକ୍ତରଖାନା ରୋଗୀସେବା ପାଇଁ କେବଳ ରଣପୁର ନୁହେଁ ସମଗ୍ର ରାଜ୍ୟରେ ଗୌରବ ଅର୍ଜନ କରିଥିଲା, ଏଭଳି ବିପର୍ଯ୍ୟସ୍ତ ସେବା ଯୋଗୁ ଆଜି ତାହାର ପରିଚୟ ହଜିଯିବାକୁ ବସିଛି। ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ପ୍ରଶାସନକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଟିଏସ୍ଏଫ୍ ତରଫରୁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ



ଯୋଡା, (ମହାଭାରତ) : କେଉଁଝର ଜିଲ୍ଲାର ଯୋଡା ବ୍ଲକ ଅନ୍ତର୍ଗତ ଗୁଆଲି ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କ କ୍ୟାରିୟରରେ ମାର୍ଗଦର୍ଶନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ତରଫରୁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ନିକଟରେ ଆୟୋଜିତ ହୋଇଯାଇଛି। ଏନଆଇଆଇଟି ଗୁଆଲି ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଆଲି, ଲୋଇଡାପଡା ଏବଂ ମାଲଦା ପଞ୍ଚାୟତର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ୪୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବୃତ୍ତିଗତ ବିଭାଗରୁ ଆସିଥିବା ବରିଷ୍ଠ ବ୍ୟକ୍ତି ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ ସିଏନସି ପ୍ରଶିକ୍ଷକ ରଶ୍ମି ରଂଜନ ରାଉତ, ଆଇଟିଆଇ ବାଂଶପାଳ ଇଲେକ୍ଟ୍ରିକାଲ୍ ଟ୍ରେଡ୍ ପ୍ରଶିକ୍ଷକ ରାକେଶ ସାହୁ, କୋଇଡ଼ା ସରକାରୀ ଆଇଟିଆଇ ପ୍ଲେସମେଣ୍ଟ ଅଫିସର ମଣିରମାଳା ଗୋରୋଡା, ଏବଂ କୋଇରା ସରକାରୀ ଆଇଟିଆଇ ପ୍ରଶିକ୍ଷକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ଏହି ସୁଯୋଗର ସଦୁପଯୋଗ ଓ ଦକ୍ଷତା ବିକାଶ ମାଧ୍ୟମରେ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମଟି ବ୍ୟକ୍ତିବିଶେଷଙ୍କୁ କ୍ୟାରିୟର ଅଗ୍ରଗତି ପାଇଁ ଆବଶ୍ୟକ କୌଶଳ ପାଇଁ ପରିକଳ୍ପିତ ପାଠ୍ୟକ୍ରମର ଏକ ବିସ୍ତୃତରେ ଉନ୍ମୋଚନ କରିଥିଲା। ଉଭୟ ଦୀର୍ଘ ଏବଂ ଅଳ୍ପ ସମୟରେ ଉପଲବ୍ଧ ଏହି ପାଠ୍ୟକ୍ରମଗୁଡ଼ିକ ବିଭିନ୍ନ ସ୍ୱାର୍ଥକୁ ପୂରଣ କରି ବାଣିଜ୍ୟ ଓ ଶିଳ୍ପର ଚାହିଦା ପୂରଣ କରିଥାଏ। ଦୀର୍ଘକାଳୀନ ପାଠ୍ୟକ୍ରମରେ ମେକାନିକ୍ ମାଇନିଙ୍ଗ ମେସିନରୀ, ପଥର ପ୍ରକ୍ରିୟାକରଣ ଯନ୍ତ୍ର ପରିଚାଳକ, ପଥର ଖଣି ଯନ୍ତ୍ର ପରିଚାଳକ, କମ୍ପ୍ୟୁଟର ପରିଚାଳକ ଏବଂ ପ୍ରୋଗ୍ରାମିଂ ସହାୟତା ଅନ୍ତର୍ଭୁକ୍ତ। ସେହିଭଳି ସ୍ୱଳ୍ପ ମିଆଦି ପାଠ୍ୟକ୍ରମରେ ମାଇନ୍ ଇଲେକ୍ଟ୍ରିସିଆନ୍, ଡମ୍ପର / ଟିପ୍ପର ପରିଚାଳକ, ଲୋଡର୍ ପରିଚାଳକ, ମାଇନିଂ ପରିଚାଳକ ଅନ୍ତର୍ଭୁକ୍ତ ଓ ଏହି କାର୍ଯ୍ୟକ୍ରମରେ କ୍ୟାରିୟରର ବିକାଶକୁ ଏକ ଆଜୀବନ ଯାତ୍ରା ଭାବରେ ପରିଗଣିତ କରିବାପାଇଁ ଉତ୍ସାହିତ କରାଯିବା ସହ କ୍ୟାରିୟର କାଉନସେଲିଂର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା।

## ଖଜୁରିଆପଡା ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ



ବାଲିପାଟଣା, (ମହାଭାରତ) : ବାଲିପାଟଣା ବ୍ଲକ ନରିଶୋ ପଞ୍ଚାୟତ ଖଜୁରିଆପଡା ଗ୍ରାମର ମା 'ଜାଡମଲ୍ଲୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ତା ୨୦/୦୪/୨୦୨୪ ରିଖ ଶନିବାର ଦିନ ଚତୁର୍ଥ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଶ୍ରୀ ନବ କୁମାର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ୨୪ ଟି ଦଳ ଟୁର୍ନାମେଣ୍ଟ ରେ ଭାଗ ନେଇ ୫ ଓଭର ବିଶିଷ୍ଟ ମ୍ୟାଚ ଖେଳା ଯାଇଥିଲା। ଫାଇନାଲ ମ୍ୟାଚ ରାଧାକାନ୍ତ କ୍ରିକେଟ କ୍ଲବ ନୂଆଗାଁ ଏବଂ ଖଜୁରିଆପଡ଼ା ଦଳ ମଧ ରେ ହୋଇଥିଲା ପ୍ରଥମେ ନୂଆଗାଁ ଦଳ ଟସ ଜିତି ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୫ ଓଭର ରେ ଖଜୁରିଆପଡ଼ା ଦଳ ୫ ଓ୍ୱିକେଟ ହରାଇ ୪୫ ରନ ସଂଗ୍ରହ କରିଥିବାବେଳେ ନୂଆଗାଁ ଦଳ ୩ ଓ୍ୱିକେଟ ହରାଇ ୪୬ ରନ କରି ଚମ୍ପିୟାନ ହୋଇଥିଲେ। ଏବଂ ୩ ୟ ରନର୍ସ ଅପ ଗଡେଶ୍ୱର କ୍ରିକେଟ କ୍ଲବ ପୋଇଝାରୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବ ରେ ମା 'ଜାଡମଲ୍ଲୀ କ୍ରିକେଟ କ୍ଲବ ର ସଭାପତି ଶ୍ରୀ ସତ୍ୟନାରାୟଣ ପ୍ରଧାନ ଓ ସମ୍ପାଦକ ଶ୍ରୀ ଦୀପକ ସିଂ ବାରିକ ଚମ୍ପିୟାନ ଦଳ କୁ ଟ୍ରଫି ପ୍ରଦାନ କରିଥିା ବେଳେ ମା 'ଜାଡାମଲ୍ଲୀ କ୍ରିକେଟ କ୍ଲବ ର ସୁଶାନ୍ତ ସ୍ୱାଇଁ, ବିରଞ୍ଚି ସ୍ୱାଇଁ, ଅମୂଲ୍ୟ ଭୋଇ, ଅଜୟ ନାୟକ, ମାନସ ସ୍ୱାଇଁ , ବସିର ଅହମ୍ମଦ ଖାନ ଓ ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ।

## ରାଇସୁଆଁ ଠାରେ ବିଜେପିର ବିରାଟ ମିଶ୍ରଣ ପର୍ବ



କେନ୍ଦୁଝର, (ମହାଭାରତ) : ରବିବାର ଦିନ କେନ୍ଦୁଝର ସଦର ବ୍ଲକର ରାଇସୁଆଁ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବିଜେପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ ସହିତ ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ବିଜେପି ର କେନ୍ଦୁଝର ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଙ୍କ ସହିତ କେନ୍ଦୁଝର ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଦଳୀୟ କର୍ମୀଙ୍କୁ ଉଦବୋଧନ ଦେବା ସହିତ ମିଶ୍ରଣ ପର୍ବରେ ନବାଗତଙ୍କୁ ସ୍ୱାଗତ କରି ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇଥିଲେ। ବିଜେଡିର ମାନସ କୁମାର ରାଉତ, ବନମାଳୀ ଘୋଷ, ଗଣେଶ ବାରିକ, ଚରଣ ବେସ୍ରା, ରମେଶ ମୁଣ୍ଡାଙ୍କ ନେତୃତ୍ୱରେ ରାଇସୁଆଁ, ମହାଦେଇଯୋଡା, ବାଉରିପଦା, ଦନାପୁର, ଗୋପୀନାଥପୁର ଓ ବରଦପାଳ ପରି ୬ଟି ପଞ୍ଚାୟତ ରୁ ସହ ସହ ଲୋକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ କାର୍ଯ୍ୟଧାରା ରେ ଅନୁପ୍ରାଣିତ ହୋଇ ଆଜି ବିଜେପି ରେ ଯୋଗ ଦେଇଛନ୍ତି। କେନ୍ଦୁଝର ଜିଲ୍ଲାରେ ବିଜେପି ଦଳର ସମସ୍ତ ବିଧାୟକ ଏବଂ ସାଂସଦ ପ୍ରାର୍ଥୀ ଙ୍କୁ ବିପୁଳ ଭୋଟ ରେ ଜିତାଇବାକୁ ଆଜିର ମିଶ୍ରଣ ପର୍ବରେ ସାମିଲ ହୋଇଥିବା ନବଗତ ନେତା ମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜୁ ଜନତା ଦଳରେ ରହି ସ୍ଥାନୀୟ ଜନସାଧାରଣଙ୍କର ଯେଉଁପରି ଭାବରେ ସେବା କରିବାର ଆଶା ରଖି ନିସ୍ୱାର୍ଥପର ଭାବେ କାର୍ଯ୍ୟ କରି ଆସୁଥିଲେ ବାସ୍ତବରେ ଦଳ ଅଞ୍ଚଳ ବାସୀଙ୍କୁ ଉପେକ୍ଷା କରିବାରୁ ଏହି ବିଜେଡି ଦଳର ସ୍ଥାନୀୟ ନେତା ମାନେ ଆଜି ବିଜେପି ରେ ମିଶିଥିବା ନେତା ମାନସ କୁମାର ରାଉତ କହିଛନ୍ତି।

## ପ୍ରତ୍ୟେକ ଓଡ଼ିଆଙ୍କ ମନରେ ମଧୁବାବୁଙ୍କ ସ୍ୱାଭିମାନ ଜାଗ୍ରତ ହେଉ

କଣ୍ଟାପଡା, (ମହାଭାରତ) : ଦୈନିକ ' ସମ୍ବାଦ ' ଏବଂ କଟକ ସଦର ସମ୍ବାଦ ସାହିତ୍ୟ ଘର ର ମିଳିତ ଆନୁକୂଲ୍ୟରେ ବାରଙ୍ଗ ବ୍ଲକ କୁରାଙ୍ଗ ଶାସନ ସ୍ଥିତ ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡେମୀ ପରିସରରେ ସ୍ୱାଭିମାନର ମନ୍ତ୍ରଦାତା ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ୧୭୬ ତମ ଜନ୍ମ ଦିବସ କୁ ' ସ୍ୱାଭିମାନ ଦିବସ ' ଭାବେ ପାଳନ କରାଯାଇଛି। ବିଶିଷ୍ଟ ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ସମ୍ବାଦ ସାହିତ୍ୟ ଘର ର ସମ୍ପାଦକ ଶ୍ରୀସନ୍ନ୍ୟାସୀଜୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସରକାରୀ ଆଇନଜୀବୀ କବି ନାରାୟଣ ଜେନା, ପାଲାକାର ସୁରେନ୍ଦ୍ରନାଥ ଛୋଟରାୟ,ଟ୍ୱିନ ସିଟି ପ୍ରେସ କ୍ଲବର ସଭାପତି ସନାତନ ପରିଡା, କଟକ ସଦର ପ୍ରେସ କ୍ଲବ ର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ସଦର ପ୍ରେସ କ୍ଲବ ର ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ପଣ୍ଡିତ ଅଜୟ କୁମାର ପତି,ସାମ୍ବାଦିକ ଅଜୟ କୁମାର ଦାଶ, ସାମ୍ବାଦିକ ଡ଼ା.ଭବାନୀ ଶଙ୍କର ପାତ୍ର, ଅବସରପ୍ରାପ୍ତ କୃଷି ପ୍ରଶାସନିକ ଅଧିକାରୀ ବସନ୍ତ କୁମାର ବିଶ୍ୱାଳ, ଜ୍ଞାନଗୁରୁ ଦିଲ୍ଲୀପ କୁମାର ବେହେରା, ଯୁବ ସମାଜସେବୀ ଅରୁଣ କୁମାର ସାହୁ, ଶିକ୍ଷାବିତ ମୁରଲୀଧର ବେହେରା ପ୍ରମୁଖ ଯୋଗ ଦେଇ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ବର୍ଣ୍ଣବହ୍ନି ମଧୁସୂଦନଙ୍କ ଓଡିଶା ଏବଂ ଓଡ଼ିଆ ଙ୍କ ପାଇଁ ଥିବା ତ୍ୟାଗ ବାବଦରେ ବିଶଦ ଆଲୋଚନା କରିଥିଲେ। ନିଜ ସଭାପତିୟ ଅଭିଭାଷଣରେ ଶ୍ରୀସନ୍ନ୍ୟାସୀଜୀ ମଧୁବାବୁଙ୍କୁ ମମତା ଓ ସମତା ର ଅନନ୍ୟ ନାନ୍ଦିକାର ବୋଲି ବର୍ଣ୍ଣନା କରିବା ସହିତ ତପସ୍ୟାର ତପୋଭୂମିରେ ତାଙ୍କୁ ଜଣେ ମର୍ମଜ୍ଞ ଅନୁଚିନ୍ତକ ବୋଲି ଅଭିହିତ କରିଥିଲେ। ସଭାର ଆବାହକ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସିକା ଓକିଲ ସଂଘ ପକ୍ଷରୁ ଆଇନ ଦିବସ ପାଳିତ

ଆସିକା, (ମହାଭାରତ) : ଆସିକା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ତଥା ଆଇନ ଦିବସ ପାଳନ କରାଯାଇଛି। ପ୍ରଥମେ ଆସିକା ବାର ର ସମସ୍ତ ଓକିଲ ଓ ବିଚାରପତି ବୃନ୍ଦ କୋର୍ଟ ପରିସରରେ ଥିବା ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେକ୍ଷ ଏହା ପରେ ଆସିକା ଓକିଲ ସଙ୍ଘ ସଭାଗୃହ ଠାରେ ଓକିଲ ସଂଘର ସଭାପତି ସୁଧାଂଶୁ କୁମାର ପଣ୍ଡାଙ୍କ ସଭାପତିତ୍ୱ ରେଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥିଭାବେ ଦେଓ୍ୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ, ଦେଓ୍ୱାନୀ କନିଷ୍ଠ ବିଚାରପତି ଝିଲି ଲୀନା ନାୟକ, ଜେଏମଏଫ ସି ପ୍ରଥମ ମୋନାଲି ବେହେରା, ଜେଏମଏଫ ସି ଦ୍ୱିତୀୟ ଶ୍ୱେତା ଦାସ, ଉପ ସଭାପତି ପ୍ରଭାତ କୁମାର ପାଢ଼ୀ ସମ୍ପାଦକ ବିଦେଶୀ ନାହାକ, ସହ ସମ୍ପାଦକ ରାଘବ ନାହକ, କୋଷାଧକ୍ଷ ସନ୍ତୋଷ କୁମାର ମିଶ୍ର, ପୂର୍ବତନ ସଭାପତି ରବିନ୍ଦ୍ର ନାଥ ଶର୍ମା, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ମଧୁ ବାବୁ ଙ୍କ ଆତ୍ମ ଜୀବନୀ, ମଧୁ ବରିଷ୍ଟର ଉପାଧି, ଓକିଲାତି ପ୍ରତି ତାଙ୍କର ଅବଦାନ ଉପରେ ବିସଦ ଆଲୋଚନା କରିଥିଲେ। ଆଜିକାର ସମାଜ ରେ ଆଇନ ଜିବି ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ସଭାରେ ବରିଷ୍ଠ ଆଇନଜୀବୀ ଅଜିତ ଚୌଧୁରୀ, ନାରାୟଣ ମୁନି ଶିଶିର କୁମାର ନାହକ, ସରୋଜ କୁମାର ନାୟକ, ସୂର୍ଯ୍ୟ ପ୍ରକାଶ ରାଓ, କାଳିଚରଣ ଦାସ, ଲଳିତ ମୋହନ ଦାସ, ଇନ୍ଦ୍ର ମୋହନ ସ୍ୱାଇଁ, ଚିତ୍ତ ରଞ୍ଜନ ଦାସ, ମୋହନ ରାଓ ଦୋରା, ସୁଧୀର ତ୍ରିପାଠୀ, ଶିବ ଶଙ୍କର ମହାନ୍ତି, ଦିଲ୍ଲିପ କୁମାର ପାଣିଗ୍ରାହୀ, ଶରତେନ୍ଦୁ ପଣ୍ଡା, ନାରାୟଣ ଜେନା, ସୁଧାଂଶୁ କୁମାର ପାଣିଗ୍ରାହୀ, ଛବିଳ ରାମ ମିଶ୍ର, ହୃଦୟାନନ୍ଦ ଜେନା, ହର୍ସ ରଞ୍ଜନ ପାଢୀ, ମାନସ ରଞ୍ଜନ ଗୌଡ, ରୁଦ୍ର ପାଣିଗ୍ରାହୀ, ପ୍ରିୟାଂଶୁ ପରିଡା, ଅଜିତ ମୁନି, ମିହିର ଗଉଡ, ଅଜିତ କୁମାର ନାୟକ, କୋଖନ ରାଓଙ୍କ ସମେତ ବାରର ବହୁ ଓକିଲ ଯୋଗ ଦେଇଥିଲେ।

## ଶୋଷ ମେଣ୍ଟାଇବା ପାଇଁ ଚୁଆପାଣି ଭରସା: ପାଣିପାଇଁ ଲୋକେ କଲବଲ



କଳିଙ୍ଗନଗର, (ମହାଭାରତ) : ଚୁଆପାଣି ଭରସାରେ ୪୦୦ ରୁ ଉର୍ଦ୍ଧ୍ୱ ପରିବାର ସାରଙ୍ଗପୁର ହାଟିଂ ରେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ସାହିର ବାସିନ୍ଦା। ଦିନକୁ ଦିନ ଚିନ୍ତା ବଢ଼ାଉଛି ପାଣିର ସମସ୍ୟା। ପାଣିର ସ୍ରୋତ ଧୀରେ ଧୀରେ କମିଯିବାରୁ କୂଅ ପୋଖରୀ ଗଣ୍ଡା ନାଳ ଆଦି ସୁଖିଯିବାକୁ ବସିଲାଣି। ନଳକୂପ ଅଛି ହେଲେ କାମରେ ଲାଗୁନାହିଁ। ୪୦୦ ରୁ ଉର୍ଦ୍ଧ୍ୱ ପରିବାର ବାଧ ହୋଇ ପିଉଛନ୍ତି ଚୁଆ ପାଣି। ନଳକୂପରେ ପିଚୁ ପାଣି ବାହାରି ଦୁର୍ଗନ୍ଧ ଆଇରନ ପାଣି ବାହାରିବାରୁ କୌଣସି କାର୍ଯ୍ୟରେ ଉପଯୋଗି ହେଉନାହିଁ, ପିଲାଠୁ ବୃଦ୍ଧା ପର୍ଯ୍ୟନ୍ତ ଢ଼ହ ଢହ ଖରାରେ ମଧ ଘଣ୍ଟା ଘଣ୍ଟା ଧରି ବସୀରହି ଚୁଆରୁ ପାଣିଛାଣି ଆଣି ଚଳୁଛନ୍ତି ସାହିର ବାସିନ୍ଦା, କଳିଙ୍ଗନଗରରେ ଦିନକୁ ଦିନ କାରଖାନା ବୃଦ୍ଧିପାଉଥିବା ବେଳେ ଛୋଟ ବଡ଼ ମିଶି କରି କଳିଙ୍ଗନଗରରେ କୋଡ଼ିଏରୁ ଉର୍ଦ୍ଧ୍ୱ କାରଖାନା ଗଢିଉଠିଛି। ବାୟମଣ୍ଡଳ ଠୁ ନେଇ ଭୂତଳ ଜଳ ମଧ ଦୂଷିତ ହେବାରେ ଲାଗିଛି, ଯାହା ଫଳରେ ଦିନକୁ ଦିନ କଳିଙ୍ଗନଗରରେ ଅନେକ ସମସ୍ୟା ଦେଖିବାକୁ ମିଳୁଛି। ନୀଳାଚଳ କାରଖାନା ପାଚେରୀ ପାଖରେ ଥିବା ହାଟିଂ ରେ ୪୦୦ରୁ ଉର୍ଦ୍ଧ୍ୱ ପରିବାର ଏଠି ସମ୍ପୂର୍ଣ୍ଣ ଚୁଆ ପାଣି ରେ ନିର୍ଭର କରି ବର୍ଷ ବର୍ଷ ଧରି ଚଳିଆସୁଛନ୍ତି, ପାଣି ପାଇଁ ବୋହୂ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି ହାଟିଂ ବାସିନ୍ଦାଙ୍କୁ, ପିଇବା ପାଣି ସଂଗ୍ରହ କରିବା କାଠିକର ପାଠ ହୋଇପଡିଛି ସରକାରଙ୍କ ଅନେକ ଯୋଜନା ଥାଇ ମଧ ହାଟିଂ ବାସିନ୍ଦା ଙ୍କ ପାଇଁ ପାଣିର ସୁବିଧା ନଥିବାରୁ ସ୍ୱଚ୍ଛପାଣି ଟୋପାଏ ପାଇବାରୁ ବଞ୍ଚିତ ସାହିର ବାସିନ୍ଦା।

## ବିଜେପିରୁ ଦିବ୍ୟଙ୍କ କ୍ୟାମ୍ପରେ କାଳୀ, ବିଜେଡ଼ି ହେବ କି ଶକ୍ତିଶାଳୀ ?

ଜୁନାଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନକୁ ନେଇ ଘଡିକୁ ଘୋଡ଼ା ଛୁଟୁଛି। ନେତାଙ୍କ ଦଳ ଡିଆଁକୁ ମିଶ୍ରଣ ପର୍ବ ଦିନଙ୍କୁ ଦିନ ବଢ଼ିବାରେ ଲାଗିଛି। ଭି.କେ. ପଣ୍ଡିଆନଙ୍କ କଳାହାଣ୍ଡି ଗସ୍ତ ସମୟରେ ଜୁନାଗଡ ନିର୍ବାଚନ ମଣ୍ଡଳୀର ଦଶପୁରର ଏକ ଦଳୀୟ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା କାଳୀ ପ୍ରସାଦ ରାୟଗୁରୁ ବିଜେପି ଛାଡ଼ି ବିଜେଡିରେ ଆଜି ଯୋଗ ଦେଇଛନ୍ତି। ଭି.କେ.ପାଣ୍ଡିଆନଙ୍କ ଉପସ୍ଥିତିରେ ଶ୍ରୀକାଳୀ ପ୍ରସାଦ ରାଇଗୁରୁ ଯୋଗଦେଇଥିବା ଏହି ସମୟରେ ବିଜେଡ଼ି ସାଂସଦ ପ୍ରାର୍ଥୀ ଲମ୍ବୁଦର ନିଆଲ୍,ବିଧାୟକ ପ୍ରାର୍ଥୀ ଦିବ୍ୟ ଶଙ୍କର ମିଶ୍ରଙ୍କ ସମେତ ଦଳର ନେତୃବୃନ୍ଦ ଓ ହଜାର ହଜାର ବିଜୁ ଜନତା ଦଳର କର୍ମ କର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଯୋଗଦାନ କରିଥିବା ରାଇଗୁରୁ ଜୁନାଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରାଜ୍ୟ ସମବାୟ ପରିଷଦ ସଦସ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଆସିଛନ୍ତି। ସେ ଜଣେ ଦୃଢ଼ ସଂଗଠକ ଭାବରେ ଜଣାଶୁଣା। ତାଙ୍କର ଯୋଗଦାନ ଫଳରେ ବିଜୁ ଜନତା ଦଳ ଶକ୍ତିଶାଳୀ ହେବ ବୋଲି ଦଳୀୟ ନେତୃବୃନ୍ଦ ଆଶା ପୋଷଣ କରିଛନ୍ତି।

## ଶାନ୍ତି ପୂର୍ଣ୍ଣ ଓ ଭୟ ମୁକ୍ତ ନିର୍ବାଚନ ପାଇଁ କୁନ୍ଦେଇ ପୋଲିସର ଫ୍ଲାଗ ମାର୍ଚ୍ଚ

ନବରଙ୍ଗପୁର, (ମହାଭାରତ) : ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ପ୍ରଶାସନ ତତ୍ପର ହୋଇ ଉଠିଛି। ଉମେରକୋଟ ନିର୍ବାଚନୀରେ ଶାନ୍ତିପୂର୍ଣ୍ଣ ଭାବେ ଆସନ୍ତା ବିଧାନ ସଭା ଓ ଲୋକସଭା ନିର୍ବାଚନ ଆୟୋଜନ ନିମନ୍ତେ ପୋଲିସ ପ୍ରଶାସନ ତରଫରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ନବରଙ୍ଗପୁର ଏସପି ରୋହିତବର୍ମା ଙ୍କ ନିର୍ଦ୍ଦେଶ କର୍ମେ ଉମେରକୋଟ ପୋଲିସ ଏସ ଡି ପି ଓଙ୍କ ନେତୃତ୍ୱ ଓ କୁନ୍ଦେଇ ପୁଲିସ ଓ ଉଜଟର ଯବାନ ଙ୍କ ମିଳିତ ଆନୁକୁଲ୍ୟରେ କୁନ୍ଦେଇ ଅଞ୍ଚଳର ଖୁଡୁକୁ ଓ କାଣ୍ଡେ ତାର, ଗାଆଁ ଗୁଡ଼ିକରେ ଫ୍ଲାଗ ମାର୍ଚ୍ଚ କାର୍ଯ୍ୟକ୍ରମ କରାଯାଇଛି। ଆଗାମୀ ନିର୍ବାଚନକୁ ନେଇ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଥିବା ବେଳେ ସମ୍ବେଦନଶୀଳ ବୁଥ ଗୁଡିକରେ ଶାନ୍ତି ପୂର୍ଣ୍ଣ ମତଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଅସାମାଜିକ କାର୍ଯ୍ୟ କଳାପ ଓ ବେଆଇନ ମଦ ବିକ୍ରି ବନ୍ଦ୍ କରାଯିବା ଉପରେ ଗୁରୁତ୍ୱ ଦିଆଯିବ।ଏଥି ସହ ବିଭିନ୍ନ ପ୍ରକାରର ଅପରାଧ,ନିର୍ବାଚନୀ ହିଂସା ଉପରେ ପୋଲିସର ନଜର ରହିବ ବୋଲି ଉମେରକୋଟ ଝଉଚଙ୍ଗ ମଧୁଶିକ୍ତା ମିଶ୍ର ପ୍ରକାଶ କରିଛନ୍ତି।

## ବିଜେଡ଼ି ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁଙ୍କ ଶକ୍ତି ପ୍ରଦର୍ଶନ



ନୟାଗଡ଼, (ମହାଭାରତ) : ନୟାଗଡ଼ ସହରରେ ଦମ୍ ଦେଖାଇଲା ବିଜେଡ଼ି। ଏଥର ଡବଲ୍ ଶଙ୍ଖ ରେ ନୟାଗଡ଼ ବିଜେଡ଼ି ନବ ଭୋଟ। ଭୋଟରଙ୍କ ମନ କିଣିବାରେ ବ୍ୟସ୍ତ ବିଜେଡ଼ି। ବିଜେଡ଼ି ଦମ୍ ଦେଖି ବିରୋଧୀ ମହଲରେ ଛନକା। ନୟାଗଡ଼ ରେ ବିରୋଧୀ ଦେଇପାରନ୍ତି ଛତ୍ରଭଙ୍ଗ। ବିଜେଡ଼ି ର ଗଡ଼ ନୟାଗଡ଼ ହେଲା ମହଗଡ। ଅରୁଣ ଙ୍କୁ ଏକ ତରଫା ଆର୍ଶୀବାଦ କରିପାରନ୍ତି ନୟାଗଡ଼ ଭୋଟର। ଏଥର ନୟାଗଡ଼ ବାସୀ ଡବଲ୍ ଶଙ୍ଖ ରେ ଆର୍ଶୀବାଦ କରିବେ ବୋଲି ଏହି ଫ୍ଲାଗ୍ ମାର୍ଚ୍ଚ ରୁ ଜଣା ପଡ଼ିଛି। ଆଜି କେବଳ ହଜାର ହଜାର ଯୁବ ପିଢୀ ଙ୍କୁ ଧରି ଅରୁଣ ନୟାଗଡ଼ ସହରରେ ଦମ୍ ଦେଖାଇଛନ୍ତି। ଭୋଟ ପାଇଁ ନୟାଗଡ଼ରେ ବିଜେଡିର ଫ୍ଲାଗ ମାର୍ଚ୍ଚ। ବିଜେଡ଼ି ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁଙ୍କ ଶକ୍ତି ପ୍ରଦର୍ଶନ। ଦଶ ହଜାର ରୁ ଉର୍ଦ୍ଧ୍ୱ ଯୁବକ ଏବଂ ଦଳୀୟ କର୍ମୀ ଙ୍କୁ ନେଇ ଅରୁଣ ନୟାଗଡ଼ ସହରରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ନୟାଗଡ଼ ବିଜେଡ଼ି କାର୍ଯ୍ୟାଳୟ ରୁ ବିଜେଡିର ଫ୍ଲାଗ ମାର୍ଚ୍ଚ ବାହାରି ସହର ପରିକ୍ରମା କରିବା ପରେ ଦକ୍ଷିଣ କାଳୀ ପଡିଆରେ ପହଞ୍ଚି ଥିଲା। ଏଥିରେ ନୟାଗଡ଼ ବ୍ଲକର ସମସ୍ତ ପଞ୍ଚାୟତର ଯୁବକ ମାନେ ଯୋଗ ଦେଇଥିଲେ। ଅରୁଣ କହିଛନ୍ତି ନୟାଗଡ଼ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ବିକାଶ ଆଗେଇ ଚାଲିଛି। ମୁଁ କେବଳ ଜଣେ ନୟାଗଡ଼ ବାସୀଙ୍କ ସେବକ। ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଯୁବକ ମାନଙ୍କ ମଧ୍ୟରେ ଉତ୍ସାହିତ ଥିବା ଅରୁଣ କହିଛନ୍ତି। ଅରୁଣଙ୍କ ର ଏହି ଐତିହାସିକ ଫ୍ଲାଗ ମାର୍ଚ୍ଚ ନୟାଗଡ଼ରେ ବିଜେଡ଼ି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବା ପାଇଁ ମିଳିଛି। ନୟାଗଡ଼ର ବିକାଶ ପାଇଁ ସେ କାମ କରୁଛନ୍ତି। ଆଗକୁ ନୟାଗଡ଼ ରେ ମହା ବିକାଶ ପାଇଁ ଅରୁଣ ପ୍ରତିଶ୍ରୁତି ଦେଇଛନ୍ତି। ଅରୁଣ କୁମାର ସାହୁ ଙ୍କୁ ବିଜେଡି ପଞ୍ଚମ ଥର ପାଇଁ ପୁଣି ନୟାଗଡ଼ର ବିଧାୟକ ପ୍ରାର୍ଥୀ ପାଇଁ ଟିକେଟ ଘୋଷଣା କରିଛି। ୨୦୧୯ ନିର୍ବାଚନରେ ଅରୁଣ ଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦିତା ଭାବେ ବିଜେପି ରୁ ଲଢ଼ିଥିବା ଇରାନୀ ନିକଟରେ ଶଙ୍ଖ ଫୁଙ୍କିବା ପରେ ବିଜେଡ଼ି ପାଇଁ ଭୋଟ ଲାଗିପଡିଛନ୍ତି ଇରାନୀ ରାୟ। ନୟାଗଡ଼ରେ ଅରୁଣ ଇରାନୀଙ୍କ ମିଳନ ଏବେ ବିଜେଡ଼ି ର ଗଡ଼ ନୟାଗଡ଼ ମହା ଗଡ଼ରେ ପରିଣତ ହୋଇଥିବା ଇରାନୀ ରାୟ କହିଛନ୍ତି। ବିକାଶ ପାଇଁ ନୟାଗଡ଼ ଶଙ୍ଖ ଗଡ଼ ନବୀନଙ୍କ ଗଡ଼ ପାଲଟିଛି। ଏଥର ନୟାଗଡ଼ରେ ବିଜେଡିର ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ଏକ ଲକ୍ଷ ରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟ ହେବେ ବୋଲି ଇରାନୀ ରାୟ କହିଛନ୍ତି। ସେପଟେ ଅରୁଣ କହିଛନ୍ତି ଏଥର ନୟାଗଡ଼ ରେ ବିଜୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର।

## ଟ୍ରକ୍-ବସ୍ ଧକ୍କା: ଡ୍ରାଇଭର ଓ ହେଲପର ମୃତ

ସୋନପୁର, (ମହାଭାରତ) : ସୋନପୁର-ବଲାଙ୍ଗୀର ରାସ୍ତା ହରିଡଖୋଲ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ୍ ଏବଂ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବସ୍ ଡ୍ରାଇଭର ଏବଂ ହେଲପରଙ୍କର ମୃତ୍ୟୁ ଘଟିଛି। ମୃତକ ଡମ୍ବରୁଧର ସ୍ୱାଇଁ ଏବଂ ଶିବମ୍ ଗୌଡ ବୋଲି ଜଣାପଡିଛି। ଆଜି ସକାଳେ ଯାତ୍ରୀବାହୀ ବସଟି ଜୟପୁରରୁ କଟକ ଅଭିମୁଖେ ଯାଉଥିଲା। ଏତିକି ବେଳେ ହରିଡଖୋଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକକୁ ବସଟି ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବସ୍ ଡ୍ରାଇଭର ଏବଂ ହେଲପରଙ୍କ ମୃତ୍ୟୁ ଘଟିଥିଲା। ପରେ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ନୟାଗଡ଼ ସହରରେ ଲାଗିଥିବା ପୁରୁଣା ସିସି କ୍ୟାମେରା ମରାମତି ଏବେ ପୁଲିସ ପାଇଁ ଚ୍ୟାଲେଞ୍ଜ

## ନୂଆ ସିସି କ୍ୟାମେରା, ସର୍ଭେ ଆରମ୍ଭ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ସହରରେ ଅଧିକ ସିସିଟିଭି (କ୍ୟାମେରା) ଲଗାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।ସହରରେ କେଉଁଠି କେଉଁଠି ସିସିଟିଭି ଲଗାଯିବ, ଏ ନେଇ ପୌରପାଳିକା ଓ ପୁଲିସ ମିଳିତ ଭାବେ ସର୍ଭେ ଆରମ୍ଭ କରିଛନ୍ତି। ଏହି ସିସିଟିଭି ଗୁଡ଼ିକ କେଉଁଠି ଲଗାଯିବ, ଏ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ମାତ୍ର ଅସଲରେ ଏବେ ପୂର୍ବରୁ ଲାଗିଥିବା ସିସିଟିଭି ଗୁଡ଼ିକ ଅଚଳ ହୋଇପଡ଼ିଲେ, ଏହାର ମରାମତି କରିବା ନୟାଗଡ଼ ପୁଲିସ ପାଇଁ ଏବେ ସମସ୍ୟା ପାଲଟିଛି। ଏହାର ମରାମତି ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାର ମିଆଦ ଶେଷ ହୋଇଛି। ସେଥିପାଇଁ ଏବେ ସିସିଟିଭି ଖରାପ ହେଲେ ବଜାରୁ ମେକାନିକ୍ ଡାକି ପୁଲିସ ଏହାର ମରାମତି କାର୍ଯ୍ୟ କରୁଛି। ମିଳିଥିବା ସୂଚନା ମୁତାବକ, ସହରର ପ୍ରମୁଖ ଛକ, ବଜାର ଓ ସ୍ୱତନ୍ତ୍ର ସ୍ଥାନ ଗୁଡ଼ିକରେ ୫୬ଟି ସିସିଟିଭି ଲଗାଯାଇଛି। ଏହାର ବିଜୁଳି ଦେୟ ପୌରପାଳିକା ପକ୍ଷରୁ ପଇଠ କରାଯାଉଛି। ଏହା ସହ ଅଚଳ ହୋଇପଡୁଥିବା ସିସିଟିଭିର ମରାମତି ପାଇଁ ଏକ ସଂସ୍ଥା ସହ ଚୁକ୍ତି କରାଯାଇଥିଲା, ଯାହାର ଦେୟ ମଧ୍ୟ ପୌରପାଳିକା ପଇଠ କରୁଥିଲା। ମାତ୍ର ବହୁ ପୂର୍ବରୁ ଉକ୍ତ ସଂସ୍ଥାର ମିଆଦ ଶେଷ ହୋଇଥିଲେ ମଧ୍ୟ ଏ ଦିଗରେ ପୌରପାଳିକା ପକ୍ଷରୁ କିଛି ପଦକ୍ଷେପ ନିଆଗଲା ନାହିଁ। ଏହି ସମୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଗଲା। ଏଣୁ ନୂତନ ସଂସ୍ଥା ସହ ଏବେ ଚୁକ୍ତି କରିବା ସମ୍ଭବ ନୁହେଁ। ଫଳରେ ଏବେ ଅଚଳ ହୋଇପଡ଼ିଥିବା ଏହି ସିସିଟିଭିର ମରାମତି ସମ୍ଭବ ହେଉନାହିଁ। ଏବେ ସାଧାରଣ ନିର୍ବାଚନ ପାଇଁ ଚଳଚଞ୍ଚଳ ହୋଇଉଠିଲାଣି ସହର। ନୟାଗଡ଼ ସହର ମଧ୍ୟ ଦେଇ ଜାତୀୟ ରାଜପଥ ୫୭ ନମ୍ବର ଯାଇଅଛି। ଏହା ସହ ଏବେ ବିପୁଳ ପରିମାଣରେ ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ମଧ୍ୟ ଏହି ରାସ୍ତାରେ କାରବାର ହେଉଛି। ଏଣୁ ସିସିଟିଭି ଅଚଳ ହୋଇପଡ଼ିବା ମାଫିଆମାନଙ୍କୁ ବେଶ୍ ସୁହାଉଛି। ଏହା ସହ ସିସିଟିଭି ପାଇଁ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷରେ କାହାକୁ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇନାହିଁ । ଏଣୁ କେବଳ ଏହି ସିସିଟିଭିଗୁଡ଼ିକରେ ସହରର ଦୃଶ୍ୟ ରେକର୍ଡ ହୋଇ ରହୁଛି। ସେଠାରେ ସ୍ଥାୟୀ ଭାବେ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାର ଆବଶ୍ୟକତା ରହିଛି। ସହରରେ ଦୁର୍ଘଟଣା କିମ୍ବା ଅପରାଧ ଘଟିଲେ, ଏ ନେଇ ତୁରନ୍ତ ପଦକ୍ଷେପ ନିଆଯାଇପାରିବ ମାତ୍ର ସେ ଦିଗରେ କିଛି ବି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ଟାଉନ ଥାନା ଇନ୍‌ସପେକ୍ଟର ରଶ୍ମୀରଂଜନ ମହାପାତ୍ର କୁହନ୍ତି, ସମସ୍ତ ସିସିଟିଭି କାର୍ଯ୍ୟକ୍ଷମ ରହିଛି। ନିୟନ୍ତ୍ରଣ କକ୍ଷରୁ ସାରା ସହରର ଦୃଶ୍ୟ ଏଥିରେ ରେକର୍ଡ ହେଉଛି। ମାତ୍ର ଯେହେତୁ ଏବେ ସ୍ଥାୟୀ ସଂସ୍ଥା ନାହିଁ ସିସିଟିଭି ଖରାପ ହେଲେ ବଜାରରୁ ମେକାନିକ୍ ଡାକି ସଜଡ଼ା ଯାଉଛି। ନିର୍ବାଚନ ଆଚରଣ ବିଧି ପ୍ରତ୍ୟାହାର ହେବା ପରେ ପୌରପାଳିକା ପକ୍ଷରୁ ଏକ ନୂତନ ସଂସ୍ଥାକୁ ସିସିଟିଭି ମରାମତି ପାଇଁ ଦାୟିତ୍ୱ ଦିଆଯିବ।

# ପାଣି ସମସ୍ୟା ନେଇ ବିଡ଼ିଓ କାର୍ଯ୍ୟାଳୟ ଘେରିଲେ ସିଲଦା ଗ୍ରାମବାସୀ



କେନ୍ଦୁଝର:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ସିଲଦା ଗ୍ରାମରେ ବର୍ଷ ବର୍ଷ ଧରି ତଳସାହି ଲୋକେ ଗୋଟିଏ ନଳକୂପ ରୁ ୧ଶହେ ରୁ ଉର୍ଦ୍ଧ୍ୱ ଘର ପିଇବା ପାଣି ପାଇଁ ନିର୍ଭର ହୋଉ ଥିବା ବେଳେ ଖରାଦିନ ଆସିଲେ ପାଣି ସମସ୍ୟା ର ଘୋର ଅଭାବ ଦେଖା ଦେଇ ଥାଏ । ଗ୍ରାମରେ ସରକାର ଙ୍କ ବସୁଧା ଯୋଜନାରେ ଓଭରହେଡ଼ ପାଣି ଟାଙ୍କି ରହି ଛି ହେଲେ ପାଣି ପାଇପି ସାହି କୁ ଆସି ନାହିଁ । ଏହି ସମସ୍ୟା କୁ ଗ୍ରାମବାସୀ ବ୍ଲକ ଠୁ ଜିଲ୍ଲା ପ୍ରଶାସନ କୁ ବାରମ୍ବାର ଅଭିଯୋଗ କରି ଆସୁ ଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳି ପାରି ନ ଥିବା ବେଳେ ଶୁକ୍ରବାର ସିଲଦା ଗ୍ରାମର ଶତାଧିକ ପୁରୁଷ ମହିଳା ଗୋରା,ବାଲଟି ଧରି ପାଟଣା ବିଡ଼ିଓ ଙ୍କ କାର୍ଯ୍ୟାଳୟ ସମୁଖ ରେ ପହଁଞ୍ଚି ମୁଖ୍ୟ ଫାଟକ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣା ସ୍ଥଳରେ ବିଡ଼ିଓ ଶିବ ଶଙ୍କର ମୁର୍ମୁ ବହୁ ବୁଝାସୁଝା କରିବାକୁ ଚେଷ୍ଟା କରି ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ କହି ବାରୁ ଗ୍ରାମବାସୀ ଟ୍ୟାଙ୍କର ରେ ୧ଶହ ଘର କୁ ପାଣି କିପରି ପହଁଞ୍ଚି କହି କଥାକଟା ହୋଇଥିଲା । ଗ୍ରାମବାସୀ ବିଡ଼ିଓ କାର୍ଯ୍ୟାଳୟ ଛାଡି ବାହାର ରେ ଉତ୍ତେଜନା ଦେଖା ଦେଇ ଥିଲା । ଖବର ପାଇ ପାଟଣା ପୋଲିସ ବିଡ଼ିଓ କାର୍ଯ୍ୟାଳୟ ରେ ପହଁଞ୍ଚି ଉତ୍ୟକ୍ତ ଗ୍ରାମବାସୀ ଙ୍କୁ ବିଝାସୁଝା କରିବା ପରେ ଉତ୍ତେଜନା ଶାନ୍ତ ହୋଇ ଥିଲା ।ପିଇବା ପାଣି ର ସମସ୍ୟା କୁ ନେଇ ସିଲଦା ଗ୍ରାମ କୁ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସସ୍ମିତା ନାୟକ ପହଁଞ୍ଚି ତାର ସମାଧାନ କରିବେ ବୋଲି ଗ୍ରାମବାସୀ ଙ୍କୁ କହିଛନ୍ତି।

# ଅଗ୍ନିକାଣ୍ଡ ରେ ୧୨ ବଖରା ଭସ୍ମୀଭୂତ



ଭଞ୍ଜନଗର,(ମହାଭାରତ): : ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଲେମ୍ବେଇ ଗ୍ରାମରେ ଶନିବାର ମଧ୍ୟାହ୍ନ ରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୧ ପରିବାର ବାର ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଅଗ୍ନି ବିପନ୍ନ ମାନେ ହେଲେ ବାବୁଲି ନାଇକ,ପୁଣିଆ ନାଇକ,ବାବୁ ନାଇକ,ହର ନାଇକ,ରଞ୍ଜିତ ନାଇକ,ଗୋପାଳ ନାଇକ, ଯମୁନା ନାଇକ,ସତ୍ୟବାନ ନାଇକ,ଦଣ୍ଡାସି ନାଇକ,ମାଧବ ନାଇକ ଓ ଭାସ ନାଇକ। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁ କୁ ଆୟତ୍ତ କରିଥିବା ଅଗ୍ନିଶମ ଅଧିକାରୀ ସମୀର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନି ବିପନ୍ନ ମାନଙ୍କ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇ ଯାଇଥିବା ବେଳେ ତୁରନ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ରେ ବିଜେପି ମଣ୍ଡଳ ଓ ବୁଥ ପ୍ରସ୍ତୁତି ବୈଠକ



ଭବାନୀପାଟଣା (ମହାଭାରତ) ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଗଣ ବାରଝୋଲା ପଞ୍ଚାୟତ ର ଫୋକଝୁଡି ଗ୍ରାମରେ ବିଜେପି ର ବୁଥ ସ୍ତରୀୟ ବୈଠକ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଜେପି ର ପୂର୍ବତନ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାନ ସଭା ପ୍ରାର୍ଥୀ ପ୍ରଦୀପ୍ତ କୁମାର ନାଏକ ଏବଂ ସାଂସଦ ପ୍ରାର୍ଥୀ ମାଳବିକା କେଶରୀ ଦେଓ ଙ୍କୁ ଆସନ୍ତା ସାଧାରଣ ନିର୍ବାଚନ ମେ ୧୩ତାରିଖ ବହୁମତରେ ବିଜୟୀ ଲାଭ କରାଇବା ପାଇଁ ଉପସ୍ଥିତ ଥିବା ବିଜେପି ର ବରିଷ୍ଠ ନେତୃତ୍ୱ ବୃନ୍ଦ ଜନସାଧାରଣ ଏବଂ ବୁଥ ସ୍ତରୀୟ କର୍ମକର୍ତ୍ତା ଙ୍କ ସହିତ ଆଲୋଚନା କରିବା ସହ କେନ୍ଦ୍ର ସରକାର ଙ୍କ ବିଭିନ୍ନ ଯୋଜନା ବିଷୟ ରେ ଲୋକାଭିମୁଖୀ କରିଥିଲେ ଏଥିପାଇଁ ଶନିବାର ଦିନ ଭବାନୀପାଟଣା ସଦର ବ୍ଲକ କୁଳିଆମାଳ, କଲମ ଏବଂ ଗଣବାରଝୋଲା ପଞ୍ଚାୟତ ଅନେକ ଜନସାଧାରଣ ଙ୍କୁ ନେଇ ଫୋକଝୁଡି ରେ ସାଧାରଣ ଜନତା ଏବଂ ବିଜେପି କର୍ମୀ ଙ୍କ ସହିତ ଏକ ବୁଥ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ସେହିପରି ଏହି ସଭାରେ ସ୍ଥାନୀୟ ଅଞ୍ଚଳ ର ଅନେକ ଜନସାଧାରଣ ଓ କରାଟିକଲି ଗ୍ରାମ ର ପରେଶ୍ୱର ମହାନନ୍ଦ, କାଣ୍ଡେଲ ପଞ୍ଚାୟତ ର ରାଜ ତାଣ୍ଡି,କେସିଙ୍ଗା ମହାବିଦ୍ୟାଳୟ ର ପୂର୍ବତନ ଛାତ୍ର ସଭାପତି ଋଷି ନିଆଲ ଭାରତ ର ପ୍ରଧାନ ମନ୍ତ୍ରୀ ଙ୍କ ଆଦର୍ଶ ନିତୀ ରେ ଅନୁପ୍ରାଣିତ ହୋଇ ବିଜେପି ସାମିଲ ହୋଇଛନ୍ତି ଏଥିରେ ବିଧାୟକ ପ୍ରତିନିଧି ମନୋଜ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଢ଼,ଭବାନୀପାଟଣା ସଦର ପୂର୍ବତନ ବିଧାୟକ ଅନାମ ନାଏକ,ଜୁନାଗଡ଼ ବ୍ଲକ ନଗରପାଳ ମୁକେଶ ଅଗ୍ରୱାଲ, ଚିନ୍ମୟ ବେହେରା,ଗୋବିନ୍ଦ ବନଛୋର, ଭୁବନେଶ୍ୱର ନାଏକ ପ୍ରମୁଖ ଉକ୍ତ ବୁଥ ସ୍ତରୀୟ ପ୍ରସ୍ତୁତି ବୈଠକ ରେ ଉପସ୍ଥିତ ଥିଲେ ।।

# ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ଦ୍ୱାରା ଜଳଛତ୍ର ଉଦଘାଟନ



ପାରାଦୀପ (ମହାଭାରତ): ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ଦ୍ୱାରା ପାରାଦ୍ୱୀପ ଷଣ୍ଢକୁଦ ଠାରେ ଶନିବାର ସକାଳେ ଏକ ଜଳଛତ୍ର ଉଦଘାଟିତ ହୋଇଯାଇଛି । ଏହି ଜଳଛତ୍ର କୁ ପାରାଦ୍ୱୀପ ର ଜଣା ଶୁଣା ଶ୍ରମିକ ନେତା ଓ ସମାଜସେବୀ ରାକେଶ କୁମାର ପଟ୍ଟନାୟକ ଉଦଘାଟନ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ହେତୁ ପଥଚାରି, ଛାତ୍ର ଛାତ୍ରୀ,କର୍ମଜୀବି ମହିଳା ଓ ପୁରୁଷ ମାନଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ପାଇଁ ଶ୍ରୀ ପଟନାୟକ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ କୁ ପରାମର୍ଶ ଦେବା ସହ ସବୁ ପ୍ରକାର ସହଯୋଗ ଦିଆଯିବ ବୋଲି କହିଛନ୍ତି । ରାକେଶ ପଟନାୟଙ୍କର ଏଭଳି ପରାମର୍ଶ କୁ ଅସହାୟ କଲ୍ୟାଣ ସମିତି ଅତି ଆନନ୍ଦର ସହ ଗ୍ରହଣ କରିବା ସହ ଗ୍ରୀଷ୍ମ ପ୍ରବାହ ରୁ ସାଧାରଣ ଲୋକଙ୍କୁ ସବୁ ପ୍ରକାର ଆସ୍ୱସ୍ତି ମିଳିବ ବୋଲି ସମିତି ର ମୁଖ୍ୟ ଉପଦେଷ୍ଟା ପ୍ରୀତି ରଞ୍ଜନ ମହାପାତ୍ର କହିଛନ୍ତି । ଗ୍ରୀଷ୍ମ ପ୍ରବାହ ଜାରି ରହିବା ପର୍ଯ୍ୟନ୍ତ ଏହି ଜଳଛତ୍ର ସୁଚାରୁ ରୂପେ ପରିଚାଳନା କରାଯିବ ବୋଲି ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ର ସଭାପତି ପଞ୍ଚାନନ ବେହେରା ସୂଚନା ଦେଇଛନ୍ତି । ଜଳ ଛତ୍ର ଉଦଘାଟନ ସରିବା ପରେ ପରେ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଆସି ଏହି ଜଳଛତ୍ର ଠାରେ ଭିଡ ଜମାଇ ଥିବା ଦେଖିବାକୁ ମିଳିଥିଲା । ଏହି ଜଳଛତ୍ର କାର୍ଯ୍ୟ କ୍ରମରେ ଟ୍ରଷ୍ଟ ର ଉପଦେଷ୍ଟା ଅରୁଣ କୁମାର ଓଝା,ଉପସଭାପତି ତ୍ରିନାଥ ଗୋଛାୟତ, ସମ୍ପାଦିକା ପ୍ରିତୀରେଖା ନାୟକ, କାର୍ଯ୍ୟକାରୀ ସମ୍ପାଦିକା ରଶ୍ମିତା ସାହୁ,ସହ ସମ୍ପାଦକ କୈଳାସ ଚନ୍ଦ୍ର ଗୋଛାୟତ, କୋଷାଧକ୍ଷ ଯୁଧିଷ୍ଠିର ସ୍ୱାଇଁ ଙ୍କ ସମେତ ଜୁସୁନାରାଣୀ ଦାସ, ରଶ୍ମିତା ଓଝା, ଶିଖା ପଟନାୟକ, ମିତାରାଣୀ ନାୟକ, ରୁନିଆ ଜେନା, ସୁଶାନ୍ତ ଜେନା, ମମତା ବିଶ୍ୱାଳ, ପାନପତି ଖୁଣ୍ଟିଆ, ଟୁନି ପ୍ରଭା ଗାୟନ, ଜିତେନ ଗାୟନ, ଲକ୍ଷ୍ମୀପ୍ରିୟା ମାଇତି, ରଶ୍ମିତା ନାୟକ, ରାଜ କିଶୋର ପଳାଉରୀ, ଶିବ ପ୍ରସାଦ ବାରିକ,ରୀନା ମଲିକ ପ୍ରଭୃତି ଉପସ୍ଥିତ ରହି ଥଣ୍ଡା ପାନୀୟ ଜଳ ଜନସାଧାରଣ ଙ୍କୁ ବଣ୍ଟନ କରିଥିଲେ । ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ର ଏଭଳି କାର୍ଯ୍ୟକୁ ଏ ଅଞ୍ଚଳର ଅନ୍ତେ ବାସି ଭୁରି ଭୁରି ପ୍ରଶଂସା କରିଛନ୍ତି।

# ଲୋକ ଉନ୍ନତି ସଂଗଠନ ତରଫରୁ ଏକ ବୈଠକ

ଦେଓଗାଁ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ଗ୍ରାମ ପଂଚାୟତ ର ଗମ୍ଭାରୀମାଳ ଗ୍ରାମ ର ମିର୍ଦ୍ଧାପଡା ଠାରେ ଲୋକ ଉନ୍ନତି ସଙ୍ଗଠନ ବଲାଙ୍ଗୀର ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଥିଲା । ଏହି ବୈଠକ ରେ ଗ୍ରାମ ର ସୁରେଶ ମିର୍ଦ୍ଧା ସଭାପତିତ୍ୱ କରିଥିଲେ ବେଳେ ସଭାରେ ନିମ୍ନ ବିଷୟ ଉପରେ ଆଲୋଚନା କରାଯାଇ ସିଦ୍ଧାନ୍ତ ରୂପେ ଗ୍ରହଣ କରାଗଲା । ମିର୍ଦ୍ଧାପଡା ଠାରେ ମୋଟ ୩୮ ଘର ପରିବାର ବସବାସ କରି ଆସୁଛନ୍ତି ମୋଟ ନଳକୂପ ସଂଖ୍ୟା -୩ ଗୋଟିଏ ବିଦ୍ୟାଳୟ ର ଓ ଦୁଇଟି ବସ୍ତି ରେ ଅବସ୍ଥିତ କ୍ଷ ଖରା ସମୟରେ ନଳକୂପ ମାନଙ୍କ ର ପାଣି ଠିକ ରୂପେ ବାହାରି ନ ଥାଏ କ୍ଷ ଏଣୁ ବସୁଧା ଯୋଜନା ତରଫରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀ ତରଫରୁ ଦେଓଗାଁ ବ୍ଲକ ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦରଖାସ୍ତ ଦେବାକୁ ନିଷ୍ପତ୍ତି ନିଆଗଲା ।

# ଜିଲାସ୍ତରୀୟ ମିଡିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ କମିଟି ବୈଠକ



ସାଧାରଣ ନିର୍ବାଚନ ପାଇଁ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ମିଡ଼ିଆ ସାର୍ଟିଫିକେଶନ୍ ଏବଂ ମନିଟରିଂ କମିଟି ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବୈଠକରେ ରାଜନୈତିକ ବିଜ୍ଞାପନର ପେଡ୍ ନ୍ୟୁଜ୍ ତଦାରଖ ଓ ଆଇନ୍ ଉଲଂଘନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏହି ସେଲ ଜରିଆରେ ପଞ୍ଜୀକୃତ ରାଜନୈତିକ ଦଳ, ଗୋଷ୍ଠୀ, ସଂଗଠନ, ପ୍ରାର୍ଥୀ, ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବୈଦ୍ୟୁତିକ, ସାମାଜିକ ଗଣମାଧମରେ ବିଜ୍ଞାପନ ପ୍ରସାରଣ କରିବା ପୂର୍ବରୁ ପ୍ରମାଣପତ୍ର ପାଇଁ ନିର୍ଦ୍ଧାରିତ ଫର୍ମରେ ଏମ୍ସିଏମ୍ସି କମିଟିକୁ ଆବେଦନ କରି ପ୍ରମାଣ ପତ୍ର ସଂଗ୍ରହ କରିବେ। ପଞ୍ଜୀକୃତ ଦଳ କିମ୍ବା ପ୍ରାର୍ଥୀ ବିଜ୍ଞାପନ ପ୍ରସାରଣ ପାଇଁ ନିର୍ଦ୍ଧାରିତ ୩ ଦିନରୁ ଅଧିକ ଏବଂ ଅଣପଞ୍ଜୀକୃତ ମାନଙ୍କ ପାଇଁ ୭ ଦିନରୁ ଅଧିକ ସମୟ ପୂର୍ବରୁ ଆବେଦନ କରିବା ଆବଶ୍ୟକ ରହିଛି । ବିଜ୍ଞାପନର ପ୍ରାକ୍ ପ୍ରମାଣ ପତ୍ର ନଖଲ ବେନର ,ଫାମ୍ପ୍ଲେଟ ଓ ପୋଷ୍ଟରରେ ଇତ୍ୟାଦି ଛପା ଓ ପ୍ରକାଶନର ପ୍ରିଣ୍ଟର ଓ ପ୍ରକାଶକ ନାମ ଠିକଣା ଓ ଫୋନ ନମ୍ବର ରଖିବା ବଧ୍ୟାତ ମୂଳକ ରହିଅଛି ବୋଲି ଜିଲ୍ଲାପାଳ ସମସ୍ତ ରାଜନୈତିକ ପ୍ରତିନିଧି ଗଣଙ୍କୁ ବୈଠକରେ ଅବଗତ କରେଇଥିଲେ। ଆଜିର ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁନାନିଧି ନାୟକ, ଛେଳିଗଡ଼ ଜଳ ସେଚନ ପ୍ରକଳ୍ପ ଅଧିକାରୀ ଶ୍ରୀ ରବୀନ୍ଦ୍ର କହଁର, ଡେପୁଟି କଲେକ୍ଟର ତଥା ଏମସିଏମସି ନୋଡାଲ ଅଧିକାରୀ ଶ୍ରୀମତୀ ସୁଚିସ୍ମିତା ମାଝୀ,ନିର୍ବାଚନ ଶାଖା ଶ୍ରୀ କମଳ କାନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଶ୍ରୀ ବିଧାନ ଚୌଧୁରୀ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ ଗିରୁମାଇ , ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସମେତ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ଭାରତୀୟ ଜନତା ପାର୍ଟିରୁ ଏମ ପୃଥୀବ ରାଜ,ଭାରତୀୟ ଜାତୀୟ କଂଗ୍ରେସରୁ ଇଶ୍ୱର ଚନ୍ଦ୍ର ମାଝୀ ଓ ଆଶିଷ ପାଉଲ ଓ ଆମ୍ ଆଦମୀ ପାର୍ଟିରୁ ଲୋଗେଶ ଦାସ ବରଧାନ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୩ ତମ ଜୟନ୍ତୀ ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଭଣ୍ଡାରୀ ସାହି ସ୍ଥିତ ଉତ୍କଳହିତୈଷୀଣୀ ସଭାଗୃହ ଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ନିର୍ମାତା ପୁଣ୍ୟ ଶ୍ଳୋକ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ସହକାରୀ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ଜମାଦାର,ଅବସର ପ୍ରାପ୍ତ ପ୍ରାଧ୍ୟାପକ ନାସିରବେଗ୍,ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ଅନୁଷ୍ଠାନର ସଭାପତି ଭାରତ ଭୂଷଣ ମହାନ୍ତି,ଅଶ୍ୱିନୀ କୁମାର ପାଢୀ ,ଭଗବତ ପାଢ଼ୀ ପ୍ରମୁଖ ମଞ୍ଚାସିନ ଥିଲେ ।ଅତିଥିଙ୍କ ଦ୍ୱାରା ମହାରାଜାଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ।ଯଅରକ୍ଷିତ ଜେନା ଭାଗବତ ପାଢ଼ୀ , ଆଶାଲତା ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ।

# ୧୧ କେଭି ତାର ସ୍ପର୍ଶରେ ଆସି ବଳଦ ମୃତ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାମୁନାଳିଆ ଗାଁରେ ଶନିବାର ଦିନ ୧୧ କେ ଭି ବିଦ୍ୟୁତ ତାର ସ୍ପର୍ଶ ଆସି ଗୋଟିଏ ବଳଦ ମୃତ୍ୟୁ ହୋଇଥିବାର ଜଣାପଡିଛି। ପ୍ରକାଶ ଯେ ଦିନ ୩ ଟା ରୁ ୪ ଟା ସମୟରେ ଜାମୁନାଳିଆ ଗ୍ରାମରେ ଡମ୍ବରୁଧର ମହାନ୍ତ ଙ୍କ ଏକ ବଳଦ ବାଡି ପାଖରେ ଚରୁଥିବା ସମୟରେ ଆଗରୁ ଛିଡି ପଡିଥିବା ୧୧ କେଭି ବିଦ୍ୟୁତ ତାର ସ୍ପର୍ଶ ଆସି ବଳଦ ଟି ର ମୃତ୍ୟୁ ଘଟିଛି । ପରେ ଗାଁ ଲୋକେ ଦେଖିବା ବିଦ୍ୟୁତ ବିଭାଗ କୁ ଖବର ଦେଇଥିଲେ। ପରେ ବଳଦ କୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପୋତା ଯାଇଥିବାର ଜଣାଯାଇଛି।

# ଜଙ୍ଗଲ ରେ ମନ୍ୟୁଷକୃତ ନିଆଁ ବ୍ୟାପୁଛି : ହେକ୍ଟର ହେକ୍ଟର ଜଙ୍ଗଲ ପୋଡି ନଷ୍ଟ



ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଙ୍ଗଲ ନିଆଁ ଜନ ଜୀବନଙ୍କୁ ଅସ୍ତବ୍ୟସ୍ତ କରୁଛି। ଜଙ୍ଗଲ ରେ ମନ୍ୟୁଷକୃତ ନିଆଁ ବ୍ୟାପୁଥିବା ନୟାଗଡ଼ ଜଙ୍ଗଲ ବିଭାଗ ପକ୍ଷରୁ କୁହାଯାଇଛି। ନିଆଁକୁ ଆୟତ ପାଇଁ ଜଙ୍ଗଲରେ ଫାୟାର କଟିଂ ଲାଇନ କରାଯାଇଛି। ଫଳରେ ନିଆଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିବା ପୂର୍ବରୁ ଏହାକୁ ରୋକିବା ପାଇଁ ବେଶ ସହାୟକ ହୋଇଛି। ଚଳିତ ବର୍ଷ ନୟାଗଡ଼ ବନଖଣ୍ଡ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ୭୦ ଜଣ ସ୍ୱତନ୍ତ୍ର କର୍ମଚାରୀୟ ସେମାନଙ୍କୁ ନିଆଁ ଲିଭାଇବା ପାଇଁ ଯୋଗାଇ ଦିଆଯାଇଛି ଆବଶ୍ୟକ ଯନ୍ତ୍ରପାତି। ମାର୍ଚ୍ଚ ମାସ ରୁ ଏପ୍ରିଲ ମାସ ମଧ୍ୟରେ ଜିଲ୍ଲାରେ ୩୭୭ ଟି ସ୍ଥାନରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ସେଥିମଧ୍ୟରୁ ସର୍ବାଧିକ ଜଙ୍ଗଲ ନିଆଁ ବ୍ୟାପିଛି ଖଣ୍ଡପଡା ବନଖଣ୍ଡ ଅଞ୍ଚଳରେ। ୧୫୨ ଟି ସ୍ଥାନରେ ନିଆଁ ଲାଗି ହେକ୍ଟର ହେକ୍ଟର ଜଙ୍ଗଲ ପୋଡି ନଷ୍ଟ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଜିଲ୍ଲାରେ ଚଳିତ ବର୍ଷ ଜଙ୍ଗଲରେ ୩୭୭ ଟି ସ୍ଥାନରେ ନିଆଁ ଲାଗି ମୋଟ ୭୦ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପଶୁ ଶିକାର ପାଇଁ ଜଙ୍ଗଲ ରେ ନିଆଁ ଲଗାଇବା ଅଭିଯୋଗ ତିନି ଜଣ ଶିକାରୀ ଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୪ ଟି ଦେଶୀ ବନ୍ଧୁକ ଜବତ ହୋଇଥିବା ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ କହିଛନ୍ତି। ନିଆଁ ଲିଭାଇବା କାର୍ଯ୍ୟରେ ୭୦ ଜଣ ସ୍ୱତନ୍ତ୍ର କର୍ମଚାରୀଙ୍କ ସହ ସମସ୍ତ ରେଞ୍ଜର, ଫରେଷ୍ଟର ଏବଂ ଗାର୍ଡଙ୍କୁ ଆଲଟ ରହିଥିବା ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ କହିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ୭ ଟି ବୋଲର ଗାଡିକୁ ନିୟୋଜିତ କରାଯାଇଛି। ଜଙ୍ଗଲରେ ନିଆଁ ଲାଗିବା ଖବର ମିଳିବା ମାତ୍ରେ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁଙ୍କୁ ଆୟତ କରୁଥିବା ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ କହିଛନ୍ତି। ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ଲୋକଙ୍କୁ ସଚେତନ କରାଯାଉ ଥିବା ସେ କହିଛନ୍ତି।

# ଚାରୋଟି ଡ୍ରଗ୍ ଉତ୍ପାଦନ ଲ୍ୟାବର ପର୍ଦ୍ଦାଫାଶ୍: ୨୩୦ କୋଟିର ନିଶାଦ୍ରବ୍ୟ ଜବତ




ଜୟପୁର/ଅହମ୍ମଦାବାଦ: ଏନସିବି (ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଅଫ୍ ଇଣ୍ଡିଆ) ଟିମ୍ ୨ଟି ରାଜ୍ୟରେ ୪ଟି ସ୍ଥାନରେ ଚଢ଼ାଉ କରିଛି। ଡ୍ରଗ୍ ଚୋରା ଚାଲାଣ ବିରୋଧରେ ଅଭିଯାନର ଏକ ଅଂଶ ଭାବରେ ଜାଲୋରର ଭିନମାଲ୍ ଏବଂ ଯୋଧପୁରର ଓସିଆନ୍ ଏବଂ ଗୁଜୁରାଟର ଗାନ୍ଧିନଗର ତଥା ଆମରେଲିରେ ଉ ?ାର୍ ୪ଟାରୁ ଚଢ଼ାଉ କରାଯାଇଥିଲା। ୧୩ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ପଚରାଉଚରା ଆଧାରରେ ଗ୍ୟାଙ୍ଗର ମୁଖ୍ୟ ନେତାଙ୍କୁ ଏବେ ଖୋଜାଖୋଜି କରାଯାଉଛି।

ଏହା ବ୍ୟତୀତ ଡ୍ରଗ୍ସ ଉତ୍ପାଦନ କରୁଥିବା ଚାରୋଟି ଉଛ-ବେ ?ଷୟିକ ଲ୍ୟାବ୍ ?ର ମଧ ପର୍ଦ୍ଦାଫାଶ୍ ହୋଇଛି। ଏଠାରୁ ସମୁଦାୟ ୧୪୯ କିଲୋଗ୍ରାମ ଏମଡି, ୫୦ କିଲୋଗ୍ରାମ ଏଫେଡ୍ରିନ୍ ଏବଂ ୨୦୦ ଲିଟର ଏସିଟୋନ ମଧ ଜବତ କରାଯାଇଛି। ଏହି ଡ୍ରଗ୍ସର ମୂଲ୍ୟ ପ୍ରାୟ ୨୩୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଗୁଜୁରାଟର ଡିଜିପି ବିକାଶ ସହାୟ ସୂଚନା ଦେଇଛନ୍ତି ଯୋଧପୁରର ଓସିୟାନରେ ଏହି ଚଢ଼ାଉ କରାଯାଇଛି। ଏଠାରୁ ଏମଡି ମିଳିଲା ନାହିଁ, କିନ୍ତୁ ଏମଡି ତିଆରି ପାଇଁ କଞ୍ଚାମାଲ ଜବତ ହୋଇଛି। ଓସିଆନ ଯୋଧପୁରର ବାସିନ୍ଦା ରାମ ପ୍ରତାପଙ୍କୁ ଗିରଫ କରାଯାଇଛି। ସେ ଏକ ମେଡିକାଲ୍ ଷ୍ଟୋର ଖୋଲିଛନ୍ତି। ଡିଜିପି କହିଛନ୍ତି ଗୁଜୁରାଟର ଆମରଲିରେ ଚତୁର୍ଥ ଚଢ଼ାଉ ହୋଇଛି। ଯେଉଁଥିରେ ତିରୁପତି କ୍ୟାମ୍ପ ଇଣ୍ଡଷ୍ଟ୍ରି ଉପରେ ଚଢ଼ାଉ କରାଯାଇ ୬ କିଲୋଗ୍ରାମ ଏମଡି ଏବଂ ୪ ଲିଟର ତରଳ ଏମଡି ଜବତ କରାଯାଇଛି। ଆମରଲି ବାସିନ୍ଦା ନିତିନ କବାଡିଆ ଏବଂ କିରିଟ ମାଣ୍ଡବ୍ୟଙ୍କୁ ଗିରଫ କରାଯାଇଛି। ଡିଜିପି କହିଛନ୍ତି ଏଟିଏସ୍ ଡିଏସ୍ପି ଏସ୍.ଏଲ୍ ଚ ଚେ ?ଧୁରୀ ପ୍ରାୟ ଦୁଇମାସ ପୂର୍ବେ ଅହମ୍ମଦାବାଦ ବାସିନ୍ଦା ମନୋହର ଲାଲ ଏବଂ ଗାନ୍ଧିନଗର ବାସିନ୍ଦା କୁଳଦୀପ ସିଂ ଏକ ଡ୍ରଗ୍ସ ତିଆରି କରିବା ପାଇଁ ଲ୍ୟାବକୁ କଞ୍ଚାମାଲ ଆଣିଥିଲେ। ଏମଡିରୁ ଡ୍ରଗ୍ସ ପ୍ରସ୍ତୁତ କରାଯାଇଥାଏ। ଏହା ଉପରେ, ଏଟିଏସ୍ ଏନସିବି ସହଯୋଗରେ ଏହି ସୂଚନା ଉପରେ କାମ କରିବା ଆରମ୍ଭ କରାଯାଇଥିଲା। ଯାହାର ପରିଣାମ ସ୍ୱରୂପ ଏପରି ବଡ଼ ସଫଳତା ହାସଲ କରାଯାଇ ପାରିଛି ବୋଲି ସେ କହିଛନ୍ତି।

# ଗୁଆଙ୍ଗଝୋରେ ଘୂର୍ଣ୍ଣିବଳୟର ତାଣ୍ଡବ: ୫ ମୃତ



ବେଜିଂ: ଦକ୍ଷିଣ ଚୀନ୍‌ର ଗୁଆଙ୍ଗଝୋରେ ହୋଇଥିବା ଘୂର୍ଣ୍ଣିବଳୟରେ ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩୩ ଜଣ ଆହତ ହୋଇଛନ୍ତି। ଚୀନର ସରକାରୀ ଗଣମାଧ୍ୟମ ଆଧାରରେ ସିଏନଏନ ଏହି ସୂଚନା ଦେଇଛି। ବାୟୁନ୍ ଜିଲ୍ଲାର ଲିଆଙ୍ଗଟିଆନ୍ ଗାଁର ପାଣିପାଗ କେନ୍ଦ୍ର ପ୍ରତି ସେକେଣ୍ଡରେ ସର୍ବାଧିକ ୨୦.୬ ମିଟର ପବନ ବହିବା ରେକର୍ଡ କରିଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସ୍ଥାନୀୟ ସମୟ ରାତି ୧୦ ଟା ଶେଷ ହୋଇଥିଲା। ଘୂର୍ଣ୍ଣିବଳୟ ପରେ ଦକ୍ଷିଣ ଚାଇନାରେ ପ୍ରବଳ ବର୍ଷା ହୋଇଥିଲା। ଯେଉଁ କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବିପଦରେ ପଡ଼ିଛି। ଉଦ୍ଧାର କର୍ମଚାରୀମାନେ ପାଣିରେ ଫସି ରହିଥିବା ବାସିନ୍ଦାଙ୍କୁ ସ୍ଥାନାନ୍ତର କରୁଛନ୍ତି। ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ବନ୍ୟା ଯୋଗୁଁ ୧୧,୧୦,୦୦୦ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ସପ୍ତାହ ପୂର୍ବରୁ, ରାଜ୍ୟ ଗଣମାଧ୍ୟମ ରିପୋର୍ଟ କରିଥିଲା ଯେ ବନ୍ୟାରେ ଗୁଆଙ୍ଗଡୋଙ୍ଗରେ ୪ ଜଣ ପ୍ରାଣ ହରାଇଛନ୍ତି। ଏପ୍ରିଲ୍ ୧୬ ଠାରୁ, ଲଗାତାର ପ୍ରବଳ ବର୍ଷା ଚାଇନାର ଉତ୍ପାଦନ କେନ୍ଦ୍ର ତଥା ଦେଶର ଅନ୍ୟତମ ଜନବହୁଳ ଅଞ୍ଚଳ ପର୍ଲ ରିଭର ଡେଲ୍ଟାକୁ ପ୍ରଭାବିତ କରିଛି ଏବଂ ଗୁଆଙ୍ଗଡୋଙ୍ଗର ଚାରିଟି ପାଣିପାଗ କେନ୍ଦ୍ର ଏପ୍ରିଲ୍ ପାଇଁ ରେକର୍ଡ ପରିମାଣର ବର୍ଷା ରେକର୍ଡ କରିଛି ବୋଲି ସିଏନଏନ ପକ୍ଷରୁ ଖବର ପ୍ରକାଶ ପାଇଛି।

## ରାଧୁ ସ୍ୱାଇଁ ମୃତ୍ୟୁ ଘଟଣା: ୫ ଆସାମୀ କୋର୍ଟ ଚାଲାଣ

ଅସ୍ତରଙ୍ଗ, (ମହାଭାରତ): ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଆଇଁସିଣିଆ ଗ୍ରାମର ବ୍ୟକ୍ତି ରାଧୁ ସ୍ୱାଇଁ ଗତ ୧୬ତାରିଖ ରାତ୍ର ୭ଘଟିକା ସମୟ ରେ ନିକଟରେ ଥିବା ଜଙ୍ଗଲ କୁ କାଠ କାଟିବାକୁ ଯାଇଥିଲେ। ଘରକୁ ଫେରିନଥିଲେ, ତା ପରଦିନ ୧୭ ତାରିଖ ସକାଳୁ ରାଧୁ ସ୍ୱାଇଁ ଙ୍କ କ୍ଷତ ବିକ୍ଷତ ରକ୍ତାକ୍ତ ମର ଶରୀର ସମୁଦ୍ରକୂଳ ରେ ଲାଗିଥିଲା, ଘଟଣା ସ୍ଥଳରେ ଅସ୍ତରଙ୍ଗ ପୋଲିସ, ଫରେନସିକ ଟିମ୍, ନିମାପଡା ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ଅନୁସାରେ ଉକ୍ତ ଗ୍ରାମ ର ଚିନ୍ମୟ କାଣ୍ଡି (୨୯), ମିଥୁନ କାଣ୍ଡି (୩୧), ଛବିନ୍ଦ୍ର କାଣ୍ଡି (୩୩), ପ୍ରଶାନ୍ତ କାଣ୍ଡି (୩୬),ନରେନ୍ଦ୍ର ସ୍ୱାଇଁ (୪୨), ଏବଂ ମୃତ ରାଧୁସ୍ୱାଇଁ ମିଶି ଜଙ୍ଗଲ ମଧ ରେ ହରିଣ ଓ ବାରହା ମାରିବାକୁ ବିଦ୍ୟୁତ ତାର ରେ ଫାସ ପକାଇଥିଲେ, ଫାସ ପକାଇବା ପରେ ରାଧୁ ସ୍ୱାଇଁ ଜଙ୍ଗଲ ଭିତରକୁ କାଠ ଆଣିବାକୁ ଯାଇଥିଲେ, ଯିବା ସମୟ ରେ ଫାସ ରେ ପଡି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଜୋରେ ଚିତ୍କାର କରିଥିଲେ, ଅନ୍ୟ ମାନେ ଆସି ଦେଖିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ମାନେ ଏହି ଘଟଣାରେ ଭୟଭୀତ ହେବା ସହ ପ୍ରମାଣ ମିଟାଇବା ପାଇଁ ତାଙ୍କୁ ସମୁଦ୍ର କୂଳରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ଘଟଣା ଘଟିବା ପରେ ରାଧୁ ସ୍ୱାଇଁ ଙ୍କ ପରିବାର ତରଫରୁ ଥାନା ରେ ଏତଲା ହୋଇଥିଲା, ପ୍ରଥମେ ପୋଲିସ ତରଫରୁ ୮୫/୨୪ କେଶ ନମ୍ବର ରେ ୩୦୨ ହତ୍ୟା ମାମଲା ରଜୁ କୁ ଭିତ୍ତି କରି ଆଇଆଇସି ରାଜେଶ ବଳିୟାରସିଂ ଘଟଣା ର ଗଭୀରତମ ତଦନ୍ତ କରି ଆସାମୀ ମାନଙ୍କୁ ଗିରଫ କରିଥିଲେ। ଆସାମୀ ମାନଙ୍କ ପାଖରୁ ପ୍ରକୃତ ଘଟଣା ଉପଲବ୍ଧ ହେବା ସହ ଚିନ୍ମୟ କାଣ୍ଡି ଓ ନରେନ୍ଦ୍ର ସ୍ୱାଇଁ ଙ୍କ ପାଖରୁ ୨ ଟି ମୋବାଇଲ ଫୋନ ଓ ବ୍ୟବହୃତ ୪୦ମିଟର ବିଦ୍ୟୁତ ତାର ଜବତ କରାଯାଇଛି,ପରେ ଧାରା ୩୦୨କୁ ପରିବର୍ତ୍ତିତ କରାଯାଇ ଧାରା ୩୦୪/୨୦୧/୩୪ ରେ ଆସାମୀ ମାନଙ୍କୁ ଡାକ୍ତରୀ ପରୀକ୍ଷା କରାଯିବା ସହ କୋର୍ଟ ଚାଲାଣ କରାଯାଇଛି ।

## ଛେଣ୍ଡିପଦା ନିର୍ବାଚନୀ ମଣ୍ଡଳୀ ବିଜେପି ପକ୍ଷରୁ କର୍ମୀ ସମ୍ମିଳନୀ

ଅନୁଗୋଳ,(ମହାଭାରତ): ଛେଣ୍ଡିପଦା ବିଜେପି ପକ୍ଷରୁ ତୁରଙ୍ଗ ମିନି ଷ୍ଟାଡିୟମ ଠାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ର ଅନେକ ବିଜେଡି କର୍ମୀ ଆଜି ଏହି ସଭାରେ ବିଜେପି ରେ ମିଶିବା ସହିତ ଏଥର ଓଡ଼ିଶାରେ ସରକାର ପରିବର୍ତ୍ତନ ହେବ ବୋଲି କହିଥିଲେ କ୍ଷକ୍ଷ ତୁରଙ୍ଗ ମିନି ଷ୍ଟାଡିୟମ ଠାରେ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା କ୍ଷେତ୍ରର ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ନିର୍ବାଚନୀ ମଣ୍ଡଳୀ ର ବିଜେପି ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା ପହଂଚି କର୍ମୀ ସମ୍ମିଳନୀ ରେ ଯୋଗ ଦେଇ ଭୋଟ ଭିକ୍ଷା କରିବା ସହ କିଛି ନୂତନ ସଭ୍ୟ ମାନଙ୍କୁ ବିଜେପି ଦଳରେ ମିଶ୍ରଣ କରାଇଥିଲେ । ତେବେ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମେ ନୀଳକଣ୍ଠେଶ୍ୱର ମନ୍ଦିର ଠାରେ ଭଗବାନ ଙ୍କୁ ଦର୍ଶନ କରିବା ପରେ ଏକ ବାଇକ ଶୋଭାଯାତ୍ରାରେ ରାଣୀଗୋଡା ଗ୍ରାମ ଓ ବିଜେପି କାର୍ଯ୍ୟାଳୟ ଦେଇ ତୁରଙ୍ଗ ମିନି ଷ୍ଟାଡିୟମ ପାଖରେ ପହଞ୍ଚି ଥିଲେ । ବିଜେପି ସରକାର ଓଡ଼ିଶା ଓ ସମ୍ବଲପୁର ଲୋକସଭା କ୍ଷେତ୍ର ରେ ଅନେକ ବିକାଶ ମୂଳକ କାର୍ଯ୍ଯ ହୋଇଥିବା ବେଳେ ଡବଲ ଇଞ୍ଜିନ ସରକାର ଆସିଲେ ଆହୁରି ଅନେକ କାର୍ଯ୍ୟ ହୋଇପାରିବ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ,ସେହିପରି ଶିକ୍ଷା , ସ୍ୱାସ୍ଥ୍ୟ କୁ ଗୁରୁତ୍ୱ ଦେବା ସହ ଛେଣ୍ଡିପଦା କୁ ଉନ୍ନତି କରିବା ପାଇଁ ଆହ୍ୱାନ ଦେଇଥିଲେ । ଦୀର୍ଘ ୨୫ ବର୍ଷ ହେବ ଏକ ଅପାରଗ ସରକାର ଙ୍କୁ ଭୋଟ ଦେଇ ଓଡ଼ିଶା ଲୋକ ଭୁଲ କରୁଛନ୍ତି , ଏଥର ନିହାତି ପରିବର୍ତ୍ତନ ହେବ ବୋଲି ନିଜ ପ୍ରତିକ୍ରିୟାରେ ଧର୍ମେନ୍ଦ୍ର କହିଥିଲେ ।

## ଇଫକୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ପାଳିତ

ପାରାଦୀପ-୨୮।୦୪- ଇଫକୋ ସାରକାରଖାନା ଟାଉନସିପ୍‌ରେ ଥିବା ଇଫକୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ.ଜେ.ପଟେଲ, ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲ୍, ଯୁଗ୍ମ ସାଧାରଣ ପରିଚାଳକ(ଉତ୍ପାଦନ) କେ.ମୋହନ ରାଓ, ସାଧାରଣ ପରିଚାଳକ(ସୂଚନା ଓ ପ୍ରଯୁକ୍ତି)ଏନ୍.ଆର୍.ନାୟକ, ପିପିଏଲ୍ ଡିଏଭି ସ୍କୁଲର ଅଧକ୍ଷ ସଂଜୀବ କୁମାର ସାହୁ, ପାରାଦୀପ ଡିଏଭି ସ୍କୁଲର ଅଧକ୍ଷ ବିନ୍ଦୁଶ୍ରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଇଫକୋ ଡିଏଭି ସ୍କୁଲର ଅଧକ୍ଷ ସମ୍ବିତ ସୁକୁମାର ଚିନାରା ସମାରୋହରେ ପୌରହିତ୍ୟ କରିଥିଲେ । ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯଅଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷକ ରାକେଶ ଦାଶ । ଏହି ସମାରୋହରେ ଅଭିଭାବକ, ଛାତ୍ରଛାତ୍ରୀ,ଶିକ୍ଷକଶିକ୍ଷୟତ୍ରୀ ଓ ବହୁ ବିଶିଷ୍ଟମାନେ ଯୋଗ ଦେଇଥିଲେ ।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ

ପାରାଦୀପ, (ମହାଭାରତ) : ପାରାଦୀପ ଉପକଣ୍ଠ ଦୋଛକି ମଧୁ ପାର୍କଠାରେ ଉତ୍କଳ ଗୌରବ କୂଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପର ନଗରପାଳ ତଥା ପାରାଦୀପ ବାର୍ ଆସୋସିଏସନ୍‌ର ଉପସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ସମେତ ।ାରାଦୀପ ବାର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ତପନ କୁମାର ଦାଶ, ଅନ୍ୟତମ ଉପସଭାପତି କୈଳାଶ ଚନ୍ଦ୍ର ସାହୁ, ସମ୍ପାଦକ ରବିନ୍ଦ୍ର କୁମାର ଜେନା,କାର୍ଯ୍ୟକାରୀ ସଦସ୍ୟ ସଂଜୟ କୁମାର ମିଶ୍ର, ନିରଜଂନ ରାଉତ, ପୌର ଉପାଧକ୍ଷ ଛବିଲତା ରାଉତ, ପାରିଷଦ ଅଜିତ କୁମାର ଷଡଙ୍ଗୀ, ସୁକାନ୍ତ କୁମାର ଦାସ, ସୁକ୍ରମଣି ନାଗ ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ସାଧାରଣ ଜନତା ଭକୁଆ: ମାଲେମାଲ୍ ଏଠି ବାଲିମାଫିଆ



ପାଟଣାଗଡ଼ (ମହାଭାରତ): ବେପାର୍ କରିବତ ବାଲି , ପକେଟରେ ଟଙ୍କା ହେବନି ଖାଲି ! ଅନେକ ଜିଲ୍ଲାର ଅନେକ ନଦୀ ମାନଙ୍କରେ ରହିଛି ବାଲିଘାଟ, ଯେଉଁ ବାଲିଘାଟ ମାନଙ୍କରେ ପ୍ରଚୁର ବାଲି ଥିବା ଦେଖିବାକୁ ମିଳି ଥାଏ ! କିନ୍ତୁ ଆମେ ଯେଉଁ ବାଲିଘାଟ କଥା କହୁଛୁ ତାହା ଟିକେ ଭିନ୍ନ ବାଲିଘାଟ ! କଥାଟା ଟି ଏପଟ ସେପଟ ଲାଗୁ ଥିଲେ ବି ଏହା ଏକ ନିରାଟ ସତ୍ୟ ! ଏମିତି ଏକ ବାଲିଘାଟ ଅଛି ବଲାଙ୍ଗୀର୍ ଜିଲ୍ଲା ପାଟଣାଗଡ଼ ସବଡ଼ିଭିଜନ୍ ଖପ୍ରାଖୋଲ୍ ତହସିଲ୍ ଲୁହାସିଂହା ବ୍ରିଜ୍ ବାଲିଘାଟ ! ଏଠି ବାଲି ଦେଖା ଯାଏ ନାହିଁ କିନ୍ତୁ ହାଇୱା ଓ ଟ୍ରାକ୍ଟର୍ ମାନଙ୍କରେ ନିତିଦିନ ଶହ ଶହ ଟ୍ରିପ୍ ବାଲି ବିକ୍ରି ହୁଏ ଲୁହାସିଂହା ବ୍ରିଜ୍ ବାଲିଘାଟ ରୁ , ଏଥିରେ ଆଶ୍ଚର୍ଯ୍ୟର ବିଷୟ ହେଲା ବାଲିଘାଟରେ ବାଲିନାହିଁ... ହେଲେ ଶହ ଶହ ବାଲି ଟ୍ରିପ୍ ବାହାରକୁ ଚାଲାଣ ହେଉଛି କିପରୀ ! ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ରୋଏଲ୍ଟି ବାବଦକୁ ସରକାର ଙ୍କୁ ଦେଇ ବାଲି ଠିକାଦାର୍ ବାଲିଘାଟ ଠିକାରେ ନେଉଛନ୍ତି ! କିନ୍ତୁ ସେଇ ବାଲିଘାଟରେ ଯଦି ସଠିକ ମାତ୍ରାରେ ବାଲି ନ ବାହାରେ ତେବେ ଠିକାଦାର କରିବ କଣ ! ଯେଉଁ ବାଲିଘାଟରେ ରୁଏଲ୍ଟି ସେହି ବାଲିଘାଟରେ ବାଲି ନାହିଁ କିନ୍ତୁ , ଯେଉଁ ବାଲିଘାଟରେ ରୁଏଲ୍ଟି ର ସୁବିଧା ନାହିଁ ସେହି ବାଲିଘାଟ ମାନଙ୍କ ଠାରୁ ରାତିଦିନ ଅନ୍ୟାୟ ଭାବରେ ବାଲି ଚୋରା ଚାଲାଣ କରି ବାଲିମାଫିଆ ବାଲି ଷ୍ଟକ୍ କରି ଚାଲାକି ସହିତ ବାଲି ବିକ୍ରୟ କରିବାରେ ସଫଲ୍ ହେଉଛନ୍ତି ବାଲିମାଫିଆ ! ଏଠି ସାଧାରଣ ଜନତାଙ୍କ ପ୍ରଶ୍ନ କରୁଛନ୍ତି ଯେ ଦିନ ଦ୍ୱିପ୍ରହରେ ବିନା ରୁଏଲ୍ଟି ବାଲିଘାଟରୁ ଯେମିତିକି ଲୁହାସିଂହା ବ୍ରିଜ୍ ଆଖପାଖ ରେ ରହିଛି ବାଘମୁଣ୍ଡ ବାଲିଘାଟ, କିରାବହାଲ୍ , ଲୁହୁରେଟ୍ , ଡଙ୍ଗଆବାହାଲ୍ , ବାଲିଘାଟ ସେହି ବାଲିଘାଟ ମାନଙ୍କରେ ରହିଛି ପ୍ରଚୁର ପରିମାଣରେ ବାଲି ଓ ସେହି ବାଲିଘାଟ ମାନଙ୍କଠୁ ବାଲି ଆଣି ବେଖାତିର୍ ଭାବରେ ବାଲିମାଫିଆ ବାଲିଚାଲାଣ କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରୁ ଥିଲେ ମଧ ! ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ବ୍ୟସ୍ତ ! ସାଧାରଣ ଜନତା ଏବେ କରିବେ କଣ , ନିଜ କୁନି କୁନି ଶିଶୁ ପାଠପଢିବା ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ସ୍କୁଲ କଲେଜ ଯେଉଁ ରାସ୍ତାରେ ଯାଉଛନ୍ତି ସେହି ରାସ୍ତା ରେ ଯାଉଛି ବାଲିବୋଝେଇ ଟ୍ରାକ୍ଟର୍ , ହାଇୱା , ଟ୍ରକ୍ , ଅସୁରକ୍ଷିତ ଅବସ୍ଥାରେ ଛାତ୍ରଛାତ୍ରୀ,ଏବିଷୟକୁ ନେଇ ବାଲି ଠିକାଦାର୍ କୁ ପଚାରିଲେ ଠିକାଦାର୍ ମୁହଁ ମୋଡି ଦେଇ ଚମ୍ପଟ ମାରୁଥିବା ଦେଖିବାକୁ ମିଳୁଛି ! ବାଲିଘାଟ ଆଖପାଖ ଅଞ୍ଚଳକୁ ପ୍ରଶାସନିକ ଅଧିକାରୀଙ୍କ କେବେ ଆସୁ ନ ଥିବା ସେଥି ପାଇଁ ବାଲିମାଫିଆ ମନଇଚ୍ଛା ଯାହା ତାହା ରାଜ୍ କରୁଥିବା ଅଞ୍ଚଳବାସି ମତ ପ୍ରକାଶ କରିଛନ୍ତି ! ଓ ବାଲିମାଫିଆ ଓ ପ୍ରଶାସନ ଭିତିରିଆ ମଧୁଚନ୍ଦ୍ରିକା ସମ୍ପର୍କ ଥିବା ଖପ୍ରାଖୋଲ୍ ତହସିଲ୍ ଅନ୍ତର୍ଭୁକ୍ତ ଅନେକ ବେଆଇନ ବାଲିଘାଟ ଅଞ୍ଚଳରୁ ବେଆଇନ ବାଲି ଚୋରା ଚାଲାଣ ବିଷୟରେ ଜୋରସୋର ଚର୍ଚ୍ଚା ଚାଲିଥିବା ଖବର ଶୁଣିବାକୁ ମିଳୁଛି ! ଖବର ପ୍ରକାଶ ପରେ ବେଆଇନ ବାଲି ଚୋରା କାରବାର୍ ଉପରେ ସ୍ଥାନୀୟ ପ୍ରଶାସନ କେତେ ତତ୍ପରତା ଦେଖାଉଛି ତାହା ଦେଖିବାକୁ ବାକି ରହିଲା !

# ଅଷ୍ଟମ ବାର୍ଷିକ ରାବଣ ପୋଡ଼ି ଉତ୍ସବ

ବେଗୁନିଆ, (ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରି ଗ୍ରାମ ତଳସାହିସ୍ଥିତ ରଘୁନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ଅଷ୍ଟମ ବାର୍ଷିକ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା କମିଟିର ସଭାପତି ଦାଶରଥି ପଣ୍ଡାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ସାଂସଦ ପ୍ରାର୍ଥୀ ୟାସିର ନୱାଜ ଉଦଘାଟକ, ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବାଲଭ ପଟ୍ଟନାୟକ ମୁଖ୍ୟ ଅତିଥି, ପ୍ରବଚକ ଗୋଦାବରୀ ବସନ୍ତିଆ ମୁଖ୍ୟବକ୍ତା,ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ସ୍ଥାନୀୟ ସରପଂଚ ମାନସ ରଞ୍ଜନ ବିଶ୍ୱାଳ,ଉପସଭାପତି ଆର୍ତ୍ତବନ୍ଧୁ ସେଠୀ,ସମ୍ପାଦକ ପ୍ରତାପ ମହାନ୍ତି, ସହସମ୍ପାଦକ ମନୋଜ କୁମାର ସେଠୀ ଓ କୋଷାଧକ୍ଷ ନାରାୟଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରେ ନୟାଗଡ଼ ରକଷ୍ଟାର ଗ୍ରୁପ, ସୋରଣ ମା ଚିଲିକା ରାଣୀ ପାଇକ ଆଖଡ଼ା, ଖୋର୍ଦ୍ଧା ଓଡ଼ିଶା ଷ୍ଟେପ ଅନ ମିଉଜିକ ଓ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଉଦଯାପନୀ ଉତ୍ସବରେ ପରିଚାଳନା କମିଟିର ସଭାପତି ଦାଶରଥି ପଣ୍ଡାଙ୍କ ଅଧ୍ୟକ୍ଷତାରେ ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ମୁଖ୍ୟ ଅତିଥି, ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ସ୍ଥାନୀୟ ସରପଂଚ ମାନସ ରଞ୍ଜନ ବିଶ୍ୱାଳଓ ସମାଜସେବୀ ଶଶି ଭୂଷଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମାଜରେ ପରିବର୍ତ୍ତନ କରିବାକୁ ଶିକ୍ଷା ଦେଇଥାଏ ରାମନାଟକ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ କବି ଗୋପୀନାଥ ସେଠୀ ଓ ପ୍ରସନ୍ନ କୁମାର କହଲସିଂହ ସଂଯୋଜନା କରିଥିଲେ। ଶେଷରେ ୬୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିମୂର୍ତ୍ତିରେ ଅତିଥି ଅଗ୍ନି ସଂଯୋଗ କରିଥିବା ବେଳେ ଆତସବାଜୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ନିୟୋଜିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ଚଲୋ ଓଡିଶା ତରଫରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ



ଅସ୍ତରଙ୍ଗ, (ମହାଭାରତ): ଆମ ବେଳାଭୂମି ଆମ ଐତିହ୍ୟ, ଏହି ଐତିହ୍ୟ କିର୍ତ୍ତୀରାଜି ସମ୍ପନ୍ନ ପିର ଜାହାନିଆ ବେଳାଭୂମି ବର୍ଷ ତମାମ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରେ, ଏହାର ମନଲୋଭା ସବୁଜିମା ଅରଣ୍ୟ, ସମୁଦ୍ର କୂଳ, ବନଭୋଜି ବେଶ ନିଆରା, ଭୁବନେଶ୍ୱର ସ୍ଥିତ ଚଲୋ ଓଡିଶା ସାମାଜିକ ଅନୁଷ୍ଠାନ ତରଫରୁ ଆଜି ଜାହାନିଆ ବେଳାଭୂମି ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି ସଂସ୍ଥା ମୁଖ୍ୟତଃ ଏକ ବାଇକର ଗ୍ରୁପ, ବାଇକ ରେସ କରିବା ସହ ଏମାନେ ପରିବେଶ ସନ୍ତୁଳନ ଓ ସୁରକ୍ଷା କରିବା କାର୍ଯ୍ୟକ୍ରମ କୁ ହାତକୁ ନେଇଛନ୍ତି, ଯାହାର ଏକ ଦୃଶ୍ୟ ଅସ୍ତରଙ୍ଗ ପିର ଜାହାନିଆ ବେଳାଭୂମି ରେ ଆଜି ଦେଖିବାକୁ ମିଳିଛି। ଏହି ସଂସ୍ଥା ର କର୍ମକର୍ତ୍ତା ମାନେ ଆଜି ହାତରେ କୋଡ଼ି, ଝାଡୁ ଓ ଝୁଡି ଧରି ବେଳାଭୂମି ସଫେଇ କରିଛନ୍ତି, ସଫେଇ କରିବା ସହ ବେଳାଭୂମି ରେ ଡଷ୍ଟବିନ୍ ବ୍ୟବହାର କରିବା, ବେଳାଭୂମି କୁ ପ୍ଲାଷ୍ଟିକ ମୁକ୍ତ କରିବା, ସଫେଇ କରିବା, ବେଳାଭୂମି ର ସୌନ୍ଦର୍ଯ୍ୟ କୁ ଅକ୍ଷୁର୍ଣ୍ଣ ରଖିବା, ଏହି ଭଳି ଅନେକ ପରିବେଶ ସଚେତନତା ମୂଳକ ବାର୍ତ୍ତା ସମାଜ କୁ ଦେବା ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏହି ସ୍ରୋତ ରେ ସାମିଲ ହୋଇ ପରିବେଶ ସୁରକ୍ଷା କରିବା ପାଇଁ ପରାମର୍ଶ ମଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ସଂଗଠନ ର ଅଭିସ୍ନେହା ରାଉତରାୟ, ଜୟପ୍ରକାଶ ସ୍ୱାଇଁ, ପ୍ରବୀଣ ପଟ୍ଟନାୟକ, କୁଶଳ ବିଶ୍ୱାସ ଓ ବାଇକର ଅମିତା ସିଂ, ବିକାଶ ପ୍ରଧାନ, ସୌଭାଗ୍ୟ ରଞ୍ଜନ ସାହୁ, ଅମୂଲ୍ୟା ନନ୍ଦ, ରାହୁଲ ରାଉତ, ଦୀପକ ବିଶ୍ୱାଳ, ମଜହାର ଖାନ ପ୍ରମୁଖ ଯୋଗଦେଇଥିଲେ। ଏହି ବାଇକର ସଂସ୍ଥା ର ନିଆରା କାର୍ଯ୍ୟକ୍ରମ ପାଇଁ ଅସ୍ତରଙ୍ଗ ଅଞ୍ଚଳ ବୁଦ୍ଧିଜୀବୀ ମାନେ ଅନେକ ପ୍ରଶଂସା ସାଉଣ୍ଟିଛନ୍ତି ।

# ଶୁଖିଲା ପଡ଼ିଛି କୁସୁମୀ, ହନ୍ତସନ୍ତ ଉପକୂଳବାସୀ: ନଦୀକୂଳେ ପାଣି ପାଇଁ ହାହାକାର



ନୟାଗଡ଼, (ମହାଭାରତ) : ଖଣ୍ଡପଡ଼ା ବ୍ଲକ୍ ଦେଇ ପ୍ରବାହିତ କୁସୁମି ନଦୀରେ ଜଳସ୍ତର ନଥିବା ବେଳେ ଉପକୂଳ ପଞ୍ଚାୟତବାସୀ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଚଳିତବର୍ଷ ଅସହ୍ୟ ଖରା ଓ ତାତି ସବୁ ରେକର୍ଡ ଭାଙ୍ଗିଥିବା ବେଳେ ଜଳ ସମସ୍ୟା ଉତ୍କଟ ହେଲାଣି। କୁସୁମୀ ନଦୀକୂଳରେ ଥିବା ଗୁଣ୍ଠୁଣି, ଜଗନ୍ନାଥପ୍ରସାଦ, ଶାଳଝରିଆ, ଭଗବାନପୁର, ବାଇଗୁଣିଆ, ଖଣ୍ଡପଡ଼ା ଏନ୍ଏସି, ବନମାଳିପୁର, ରାଣୀଛେଲି, ବୋଦସା, ଖଳିସାହି, ବେଣାଗାଡ଼ିଆ, ଧାନଚାଙ୍ଗଡ଼ା ଆଦି ପଞ୍ଚାୟତର ଏକାଧିକ ଗ୍ରାମର ଚାଷୀଙ୍କ ପାଇଁ ପାଣି ଅଭାବ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଗତ ନଭେମ୍ବର ମାସ ଠାରୁ ବର୍ଷା ଅଭାବରୁ ଚାଷଜମି ଫାଟି ଆଁ କରିଥିବା ବେଳେ ନ ?ଦୀ ଜଳ ଉପରେ ସ୍ଥାନୀୟ ଅଞ୍ଚଳବାସୀ ନିର୍ଭରଶୀଳ ଥିଲେ। ମାତ୍ର ନଦୀ ଶୁଖିଲା ପଡ଼ିଥିବା ବେଳେ ଭୂତଳ ଜଳସ୍ତର ହ୍ରାସ ପାଇଛି ଫଳରେ ଚଳିତବର୍ଷ ଉପକୂଳବର୍ତ୍ତୀ ଅଞ୍ଚଳରେ ରବି ଫସଲ ସହ ପନିପରିବା ଫସଲ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଦୀର୍ଘଦିନ ହେବ ଚାଷ କାର୍ଯ୍ୟରେ ପାନୀୟ ଜଳ ପ୍ରମୁଖ ସମସ୍ୟା ଭାବେ ଠିଆ ହୋଇଥିବା ବେଳେ ନୟାଗଡ଼ ସୁନାଲଟିରେ ହେଉଥିବା ବ୍ୟାରେଜ ଯୋଗୁ ତଳମୁଣ୍ଡରେ ନଦୀ ଶୁଖିଲା ପଡ଼ିଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ନଦୀରେ ଦେଖା ଦେଇଥିବା ଜଳ ସଙ୍କଟ ଗତ ଦୁଇ ଦଶନ୍ଧି ମଧ୍ୟରେ କେବେ ହୋଇନଥିଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖରାଦିନିଆ ଫସଲ, ଯଥା: ବାଇଗଣ, ପୋଟଳ, ମକା, ଭେଣ୍ଡି ଭଳି ପନିପରିବା ସ୍ଥାନୀୟ ବଜାର ଚାହିଦା ମେଣ୍ଟାଉଥିବା ବେଳେ ଚଳିତବର୍ଷ ଏହା ମଧ ବାଧାପ୍ରାପ୍ତ ହୋଇଛି। ସେହିପରି ଏହି ଫସଲରୁ ଆୟ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀମାନେ ସମ୍ପୂର୍ଣ୍ଣ ହତାସ ହୋଇପଡିଛନ୍ତି। ନଦୀରେ ଯେଉଁ ଧାର ଅଛି ସେଥିରେ ମୋଟର ମାଧ୍ୟମରେ ଚାଷ କରିବା ବ୍ୟୟବହୁଳ ହୋଇପଡୁଥିବା, ଅଭିଯୋଗ କରିଛନ୍ତି। ଚାଷୀକୁଳ ଏଥି ସହିତ ଗାଧୋଇବା ନିମନ୍ତେ ମଧ ନଦୀରେ ଯଥେଷ୍ଟ ଜଳ ନଥିବା ବେଳେ ଗୃହପାଳିତ ପଶୁ ତଥା ବନ୍ୟଜନ୍ତୁ ମଧ ଡହଳବିକଳ ହେଉଛନ୍ତି। ବର୍ଷ କୁ ବର୍ଷ କୁସୁମୀ ନଦୀଶଯ୍ୟା ପୋତି ହୋଇପଡୁଥିବା ବେଳେ ବର୍ଷା ଦିନରେ ପ୍ରଳୟଙ୍କରୀ ବନ୍ୟା ନଦୀକୂଳ ଅଞ୍ଚଳର ଲୋକଙ୍କ ବ୍ୟାପକ କ୍ଷତି କରିଥାଏ। ତେବେ ଚଳିତ ବର୍ଷ କୁସୁମୀରେ ବଡ଼ ଧରଣର ବନ୍ୟା ହୋଇନଥିବା ବେଳେ ଜଳସ୍ତର ମଧ ନାହିଁ। ଖାଲି ସେତିକି ନୁହେଁ, ଜଳାଭାବ ଯୋଗୁ ଭୂତଳ ଜଳସ୍ତର ଅସମ୍ଭବ ଭାବେ ହ୍ରାସ ପାଇଛି। ଫଳରେ ଗ୍ରାମଞ୍ଚଳ ଲୋକେ ମଧ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ, ନଦୀଗର୍ଭ ଜଳ ସଂରକ୍ଷଣ ଉପରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଏକାଧିକ ପଞ୍ଚାୟତର ଜନପ୍ରତିନିଧି ଦାବି କରିଛନ୍ତି।

# ଜ୍ୟାକ୍ସଙ୍କ ବିସ୍ଫୋରକ ଶତକରେ ନିଜ ଘରେ ଧରାଶାୟୀ ଗୁଜରାଟ

## ପ୍ଲେ ଅଫ୍ ଆଶା ଉଜ୍ଜିବୀତ

## ଜିଟି ୨୦୦/୩, ଆରସିବି ୨୦୬/୧



ଅହମ୍ମଦାବାଦ, ୨୮।୪(ମହାଭାରତ): ୱିଲ ଜ୍ୟାକ୍ସଙ୍କ ବିସ୍ଫୋରକ ବ୍ୟାଟିଂରେ ନିଜ ଘରେ ଧରାଶାୟୀ ଗୁଜରାଟ ଟାଇଟନ୍ସ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ୱିଲଙ୍କ ଛକା ବର୍ଷା ଏବଂ ବିସ୍ଫୋରକ ଶତକ ବଳରେ ୨୦୧ ରନର ବିଜୟ ଲକ୍ଷ୍ୟକୁ ମାତ୍ର ୧ ୱିକେଟ୍ ହରାଇ ୨୪ ବଲ୍ ବଳକା ଥାଇ ହାସଲ କରି ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ଜ୍ୟାକ୍ସ ୪୧ ବଲରୁ ୫ ଚୌକା ଓ ୧୦ ଛକା ସହ ୧୦୦ ରନରେ ଅପରାଜିତ ଥିବା ବେଳେ ବିରାଟ କୋହଲି ୭୦ ରନର କଳାତ୍ମକ ଅପରାଜିତ ଇନିଂସ ଖେଳିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ସାଇ ସୁଦର୍ଶନଙ୍କ ୮୪ ରନ ଓ ଶାହରୁଖ ଖାନଙ୍କ ୫୮ ରନ ବଳରେ ୩ ୱିକେଟ୍ ହରାଇ ୨୦୦ ରନ କରିଥିଲେ ହେଁ ତାହା ଆରସିବି ଆଗରେ ନ୍ୟୁନ୍ ହୋଇ ଯାଇଛି। ଆରସିବି ଚମକପ୍ରଦ ପ୍ରଦର୍ଶନ କରିବା ସହ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିବା ସହ ପ୍ଲେ ଅଫ ଆଶା ଉଜ୍ଜିବୀତ ରଖିଛି। ଗୁଜରାଟ ୧୦ମ ମ୍ୟାଚରୁ ଷଷ୍ଠ ପରାଜୟ ଭୋଗି ପଏଣ୍ଟ ତାଲିକାରେ ସପ୍ତମ ସ୍ଥାନକୁ ଖସି ଆସିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ୍ ଟାଇଟନ୍ସକୁ ୬ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। ଋଦ୍ଧିମାନ ଶାହ(୫) ଆଉଟ୍ ହୋଇଥିଲେ। ଗିଲ୍ ଓ ସାଇ ସୁଦର୍ଶନ ଦ୍ୱିତୀୟ ୱିକେଟ୍ ପାଇଁ ୩୯ ରନ ଯୋଡ଼ିଥିଲେ ଗିଲ୍ ୧୬ ରନର ଧିମା ଇନିଂସ ଖେଳି ପାଭିଲିୟନ ଫେରିଥିଲେ। ଏହା ପରେ ସାଇ ସୁଦର୍ଶନ ଓ ଶାହରୁଖ ଖାନ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଉଭୟ କ୍ରିଜରେ ଜମିବା ପରେ ଦ୍ରୁତ ରନ ସଂଗ୍ରହ କରିଥିଲେ।

ଏହି କ୍ରମରେ ନିଜ ନିଜର ଅର୍ଦ୍ଧଶତକ ପୂରଣ କରିବା ସହ ୩ୟ ୱିକେଟ୍ ପାଇଁ ୮୬ ରନ ଯୋଡ଼ି ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। ଶାହରୁଖ ୩୦ ବଲରୁ ୩ ଚୌକା ଓ ୫ ଛକା ସହ ୫୮ ରନ କରି ପାଭିଲିୟନ ଫେରିଥିଲେ। ଏହା ପରେ ଦଳ ଆଉ କୌଣସି ୱିକେଟ୍ ହରାଇ ନ ଥିଲା ସାଇ ସୁଦର୍ଶନ ବିସ୍ଫୋରକ ବ୍ୟାଟିଂ କରି ୪୯ ବଲ୍ରୁ ୮ ଚୌକା ଓ ୪ ଛକା ସହ ୮୪ ରନରେ ଅପରାଜିତ ଥିଲେ। ତାଙ୍କର ଏହି ଇନିଂସ ବଳରେ ଗୁଜରାଟ ୩ ୱିକେଟ୍ ହରାଇ ୨୦୦ ରନ କରିଛି। ଡେଭିଡ ମିଲର ୨୬ ରନରେ ଅପରାଜିତ ଥିଲେ।

# ଦୀପିକା କୁମାରୀ ଜିତିଲେ ରୌପ୍ୟ

## ଭାରତ ଜିତିଲା ରେକର୍ଡ ୫ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୨୮।୪(ମହାଭାରତ): ସାଂଘାଇରେ ଖେଳାଯାଉଥିବା ତୀରନ୍ଦାଜି ବିଶ୍ୱକପରେ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ଦୀପିକା କୁମାରୀ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲ ମ୍ୟାଚରେ ଦକ୍ଷିଣ କୋରିଆର ତୀରନ୍ଦାଜ ଦୀପିକା କୁମାରୀଙ୍କୁ ପରାସ୍ତ କରିଥିଲେ। ଏନେଇ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

ସୋଶାଲ ମିଡିଆ। ପ୍ଲାଟଫର୍ମ ଏକ୍ସରେ ସାଇ ମିଡିଆ। ଲେଖିଛି, ଦୀପିକା କୁମାରୀ ତୀରନ୍ଦାଜି ବିଶ୍ୱକପରେ ରୌପ୍ୟ ପଦକ ଜିତିଛନ୍ତି। ଭାରତ ୫ ଟି ସ୍ୱର୍ଣ୍ଣ ପଦକ ସମେତ ମୋଟ ୮ ଟି ପଦକ ଜିତି ଇତିହାସ ରଚିଛି। ଶନିବାର ଭାରତର ଜ୍ୟୋତି, ଅଦିତି ଓ ପ୍ରନୀତ ମହିଳା ଦଳଗତ ଇଭେଣ୍ଟରେ ଇଟାଲୀ ଦଳକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଲକ୍ଷ୍ନୌକୁ ହରାଇ ପ୍ଲେ ଅଫ୍‌ରେ ରାଜସ୍ଥାନ !



ଲକ୍ଷ୍ନୌ, ୨୮।୪(ମହାଭାରତ): ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସର ବିଜୟ ଯାତ୍ରା ଅବ୍ୟାହତ ରହିଛି। ଅଧିନାୟକ କେଏଲ ରାହୁଲଙ୍କ ଉପରେ ଭାରି ପଡ଼ିଲେ ଅଧିନାୟକ ସଞ୍ଜୁ ସାମସନ ଆଜି ଲକ୍ଷ୍ନୌର ଇକାନା ଷ୍ଟାଡିୟମରେ ଖେଳା ଯାଇଥିବା ୪୪ତମ ମ୍ୟାଚ୍ରେ ରାଜସ୍ଥାନ ଲକ୍ଷ୍ନୌକୁ ତାରି ମାଟିରେ ୭ ୱିକେଟରେ ପରାସ୍ତ କରିଛି।ବିଜୟ ସହ ରାଜସ୍ଥାନ ରୟାଲ୍ସ ଆପାତତଃ ପ୍ଲେ ଅଫରେ ପ୍ରବେଶ କରିଛି।

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ପକ୍ଷରୁ ଧାର୍ଯ୍ୟ ୧୯୭ ରନ ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ୧୯ ଓଭରରେ ୩ ୱିକେଟ୍ ହରାଇ ହାସଲ କରି ନେଇଛି। ସଞ୍ଜୁ ସାମସନ ଅପରାଜିତ ୭୧ ରନ ଓ ଧ୍ରୁବ ଜୁରେଲ ଅପରାଜିତ ୫୨ ରନ କରି ଦଳକୁ ସହଜ ବିଜୟ ଦେଇଛନ୍ତି।ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଅଧିନାୟକ କେଏଲ ରାହୁଲଙ୍କ ୭୬ ରନ ଓ ଦୀପକ ହୁଡ୍ଡାଙ୍କ ୫୦ ରନ ବଳରେ ୫ ୱିକେଟ୍ ହରାଇ ୧୯୬ ରନ କରିଥିଲା ରାଜସ୍ଥାନ ନବମ ମ୍ୟାଚ୍ରୁ ୮ମ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ନିଜର ସ୍ଥାନ ମଜବୁତ କରିଥିବା ବେଳେ ଲକ୍ଷ୍ନୌ ସୁପର ଜିଆଣ୍ଟ ସମାନ ମ୍ୟାଚରୁ ଚତୁର୍ଥ ପରାଜୟ ଭୋଗିଛି। ୧୯୮ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ରାଜସ୍ଥାନକୁ ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଜୋସ୍ ବଟଲର ଦମଦାର ଆରମ୍ଭ ଦେଇଥିଲେ ଉଭୟ ବିସ୍ଫୋରକ ବ୍ୟାଟିଂ କରି ୫.୫ ଓଭରରେ ୬୦ ରନ ଯୋଡ଼ିଥିଲେ। ଆଉ ଏହି ସ୍କୋରରେ ହିଁ ବଟଲର(୩୪) ଓ ଜୟସ୍ୱାଲ(୨୪) ଆଉଟ୍ ହୋଇଥିଲେ। ରିୟାନ ପରାଗ(୧୪) ପାଭିଲିୟନ ଫେରିଥିଲେ ୭୮ ରନରେ ୩ ୱିକେଟ୍ ହରାଇ ଅଡୁଆରେ ପଡ଼ିଥିବା ରାଜସ୍ଥାନର ମୋର୍ଚ୍ଚା ସମ୍ଭାଳିଥିଲେ ଅଧିନାୟକ ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲ ଉଭୟ ଦମଦାର ବ୍ୟାଟିଂ କରି ଆବଶ୍ୟକ ରନ ସଂଗ୍ରହ କରି ଦଳକୁ ବିଜୟ କରାଇଛନ୍ତି।ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୧୨୧ ରନ ଯୋଡ଼ିଦଳକୁ ସହଜ ବିଜୟ କରାଇଛନ୍ତି। ଏହି କ୍ରମରେ ସଞ୍ଜୁ ସାମସନ ୩୩ ବଲରୁ ୭ ଚୌକା ଓ ୪ ଛକା ସହ ୭୧ ରନ ଓ ଧ୍ରୁବ ଜୁରେଲ ୩୪ ବଲରୁ ୫୨ ରନ କରି ଅପରାଜିତ ଥିଲେ।

## ଦୀପ ରଞ୍ଜନଙ୍କୁ ଆଉ ଏକ ରୌପ୍ୟ

ଭୁବନେଶ୍ୱର, ୨୮।୪((ମହାଭାରତ)): ସ୍ପାନିସ୍ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ଲେବଲ-୧ରେ ଓଡ଼ିଶାର ଦୀପ ରଞ୍ଜନଙ୍କୁ ରେପ୍ୟ ପଦକ ମିଳିଛି ସ୍ପେନ୍‌ର ଟୋଲେଡୋ ସହରରେ ଚଳିତମାସ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାର ପୁରୁଷ ଯୁଗଳରେ ଦୀପ ରଞ୍ଜନ ଓ ମନୋଜ ସରକାରଙ୍କ ଯୋଡ଼ି ଦକ୍ଷିଣ କୋରିଆର ଜୋଙ୍ଗଜାଏ-ସିନ କିଉଙ୍ଗ ହାନ୍‌ଙ୍କୁ ୨୧-୧୮, ୨୫-୨୩ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ। ସେଠାରେ କିନ୍ତୁ ନିଜ ଦେଶର ନେହଲ ଗୁପ୍ତା-ନବୀନ ଶିବକୁମାରଙ୍କଠାରୁ ୨୦-୨୨, ୨୪-୨୨, ୧୯-୨୧ରେ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ। ଏହା ପୂର୍ବରୁ ଦୀପ ରଞ୍ଜନ ଏହି ପ୍ରତିଯୋଗିତାର ଲେବୁଲ-୨ରେ ମଧ୍ୟ ରେପ୍ୟ ପଦକ ହାସଲ କରିଥିଲେ ।ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତା୍ରେ ଓଡ଼ିଶାରୁ ଦୀପ ରଞ୍ଜନଙ୍କ ଛଡ଼ା ଶୁଭ୍ରଜିତ ମହାରଣା ଓ ଜି. ଦିଲେଶ୍ୱର ରାଓଙ୍କ ସମେତ ୩ଜଣ ଖେଳାଳି ଅଂଶଗ୍ରହଣ କରୁଥିଲେ ।

# ଗ୍ୟାରୀ କ୍ରିର୍ଷ୍ଟେନ ପାକିସ୍ତାନର କୋଚ୍



କରାଚୀ, ୨୮।୪(ମହାଭାରତ): ଟି-୨୦ ୱାର୍ଲ୍ଡ କପ୍ ୨୦୨୪ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡରେ ବଡଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ପାକିସ୍ତାନ ଟିମ୍ ତାର କୋଚ୍ ବଦଳାଇଛି। ଉଭୟ ଦିନିକିଆ ଓ ଟି-୨୦ ପାଇଁ ପାକିସ୍ତାନ ନୂଆ। କୋଚ୍ ଭାବେ ଗ୍ୟରୀ କ୍ରିର୍ଷ୍ଟେନଙ୍କୁ ନିଯୁକ୍ତି ଦେଇଛି।

ଗ୍ୟାରୀ କ୍ରିର୍ଷ୍ଟେନ ଏହାପୂର୍ବରୁ ୨୦୧୧ରେ ଟିମ୍ ଇଣ୍ଡିଆକୁ ଦିନିକିଆରେ ୱାର୍ଲ୍ଡ କପ୍ ବିଜେତା କରାଇଥିଲେ। ଏବେ ଟି-୨୦ ବିଶ୍ୱକପ୍ ପୂର୍ବରୁ ଗ୍ୟାରୀ କ୍ରିର୍ଷ୍ଟେନଙ୍କୁ କୋଚ୍ ଭାବେ ନିଯୁକ୍ତି ଦେଇ ପାକିସ୍ତାନ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ସେହିଭଳି ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ଜେସନ୍ ଗିଲେସ୍ପିଙ୍କୁ ଟେଷ୍ଟ ମ୍ୟାଚ୍ ପାଇଁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି ପାକିସ୍ତାନର ପୂର୍ବତନ କ୍ରିକେଟର ଅଜହର ମହମୁଦଙ୍କୁ ତିନୋଟି ଫର୍ମାଟରେ ଦଳର ଆସିଷ୍ଟାଣ୍ଟ୍ କୋଚ୍ କରାଯାଇଛି। ସମସ୍ତ ତିନୋଟି କୋଚ୍‌କାର୍ଯ୍ୟକାଳ ଦୁଇ ବର୍ଷ ଲେଖାଏଁ ରହିବ ଜୁନ୍ ୧ ରୁ ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଟି -୨୦ ବିଶ୍ୱକପ୍ ଖେଳାଯିବ। ଗ୍ୟାରୀ କ୍ରିର୍ଷ୍ଟେନ ବର୍ତ୍ତମାନ ଆଇପିଏଲରେ ଗୁଜୁରାଟ ଟାଇଟନ୍ସର ମେଣ୍ଟର୍ ଦାୟିତ୍ୱରେ ଅଛନ୍ତି କ୍ରିର୍ଷ୍ଟେନ ଭାରତୀୟ ଟିମର କୋଚ୍ ସହ ୩ ବର୍ଷ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦଳର ମଧ୍ୟ କୋଚ୍ ଦାୟିତ୍ୱରେ ଥିଲେ ମିକି ଆର୍ଥର ପାକିସ୍ତାନର କୋଚ୍ ପଦ ଛାଡିବା ପରେ ଏହି ସ୍ଥାନ ଫାଙ୍କା ପଡିଥିଲା ପରେ ମହମ୍ମଦ ହାଫିଜଙ୍କୁ ଟିମର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଦଳର ଖରାପ ପ୍ରଦର୍ଶନ କାରଣରୁ ମହମ୍ମଦ ହାଫିଜଙ୍କୁ ମଧ୍ୟ ପଦ ହରାଇବାକୁ ପଡିଥିଲା। ଗ୍ୟାରୀ କ୍ରିର୍ଷ୍ଟେନର ହେଉଛନ୍ତି ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର୍ ସେ ନିଜ କ୍ୟାରିୟରରେ ୧୦୧ଟି ଟେଷ୍ଟ ମ୍ୟାଚ୍ ସହ ୧୮୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

# ଈଶାନଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଲା ବିସିସିଆଇ



ନୂଆଦିଲ୍ଲୀ, ୨୮।୪(ମହାଭାରତ) ଟି୨୦ ବିଶ୍ୱକପ୍ ୨୦୨୪ ଲାଗି ଟିମ୍ ଇଣ୍ଡିଆ। ଚୟନ କେବେ ବି ହୋଇପାରେ ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ହେବାକୁ ଥିବା ଏହି ଆଇସିସି ଟୁର୍ନାମେଣ୍ଟ ଲାଗି ଈଶାନ କିଶନ ବଡ଼ ଦାବିଦାର ବୋଲି କୁହାଯାଉଛି। ଏବେ ତାଙ୍କ ଚୟନ ହେବ କି ନାହିଁ ଜଣାପଡ଼ି ନ ଥିଲେ ହେଁ ବିସିସିଆଇ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।ଏକ ମାମଲାରେ କିଶନ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ଉପରେ ଜରିମାନା ଲଗାଯାଇଛି।

ଏବେ ପ୍ରଶ୍ନ ଏହା ଯେ କିଶନଙ୍କ ଭୁଲ କଣ ? ଯାହା ଉପରୁ ପରଦା ହଟି ନ ଥିଲେ ହେଁ ଆଇପିଏଲ୍ ୨୦୨୪ରେ ଏପ୍ରିଲ ୨୭ରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ସହ ଜଡ଼ିତ। ଆଇପିଏଲର କୋଡ୍ ଅଫ୍ କଣ୍ଡକ୍ଟ ଅନୁଯାୟୀ ବିସିସିଆଇ କିଶନଙ୍କୁ ଲେବଲ୍ ୧ର ଦୋଷୀ ପାଇଛି, ଏଣୁ ତାଙ୍କ ଉପରେ ମ୍ୟାଚ୍ ପାଉଣାର ୧୦% ଜରିମାନା ଲଗାଯାଇଛି। ସେ ମ୍ୟାଚ୍ ରେଫରୀଙ୍କ ସମ୍ମୁଖରେ ନିଜର ଭୁଲ ସ୍ୱୀକାର କରିଥିବା ଆଇପିଏଲ୍ ପକ୍ଷରୁ ପ୍ରେସ ରିଲିଜ ଜାରି କରାଯାଇଛି।କହିବାକୁ ଗଲେ ଲେବଲ୍ ୱାନ୍‌ରେ ଦୋଷୀ ହେଲେ ମ୍ୟାଚ୍ ରେଫରୀଙ୍କ ନିଷ୍ପତ୍ତି ହିଁ ଅନ୍ତିମ ଏବଂ ବାଧ୍ୟ ହୋଇଥାଏ।ଆଇପିଏଲ୍ ଆଚରଣ ସଂହିତାର ଅନୁଚ୍ଛେଦ ୨.୨ ଅନୁଯାୟୀ ଲେବଲ୍ ୱାନ୍ ଅପରାଧରେ ବିଜ୍ଞାପନ, ବୋର୍ଡ, ବାଉଣ୍ଡ୍ରି ଫେନ୍ସ ଏବଂ ଅନ୍ୟ ଫିକ୍ସଚରକୁ କ୍ଷତି ପହଞ୍ଚାଇବା ବ୍ୟତିତ ମ୍ୟାଚ୍ ସମୟରେ କ୍ରିକେଟ ଉପକରଣର ଦୂରୁପଯୋଗ ଆଦି ସାମିଲ ଅଛି। ଏବେ କିଶନ ଏଥିରୁ କେଉଁ ଭୁଲ କରିଛନ୍ତି ତାହା ଜଣାପଡ଼ିନାହିଁ ଆଇପିଏଲ୍ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ମଧ୍ୟ ସେନେଇ ଉଲ୍ଲେଖ ନାହିଁ।

# ହକି ଅମ୍ପାୟାର ଭାବେ ପିପିଏଲ ଡିଏଭି ସ୍କୁଲ ର ତିନିଜଣ ଛାତ୍ର ମନୋନୀତ

ପାରାଦୀପ ,୨୮।୪(ମହାଭାରତ) ଭୁବନେଶ୍ୱର ର କଳିଙ୍ଗ ଷ୍ଟାଡିୟମ ଠାରେ ଓ.ଏନ୍.ଟିଏଚ୍.ଏଚ୍.ପିସି ଦ୍ୱାରା ପରିଚାଳିତ ହୋଇଥିବା ହକିର ବୈଷୟିକ ଅଧିକାରୀ ଏବଂ ଅମ୍ପାୟାର ମାନଙ୍କର ଏକ ତାଲିମ୍ କାର୍ଯ୍ୟକ୍ରମରେ ଡିଏଭି ପିପିଏଲ୍ ସ୍କୁଲ ପାରାଦ୍ୱୀପର ୩ଜଣ ଛାତ୍ର ସମ୍ପ୍ରିତି ସାମଲ, ନୀଖିଲ କୁମାର ରାଉତ ଓ ଅମରଜିତ ସାହୁ କୃତକାର୍ଯ୍ୟ ହୋଇଛନ୍ତି । ଡି.ଏ.ଭି ପବ୍ଲିକ ସ୍କୁଲ ପିପିଏଲ୍ ପାରାଦ୍ୱୀପ ଠାରେ ଥିବା ତୃଣମୂଳ ହକି ପ୍ରଶିକ୍ଷଣ କେନ୍ଦ୍ରର ଏହି ତିନିଜଣ ଛାତ୍ର ଆତଭାନ୍ସ ହକି ଅମ୍ପିୟାରିଙ୍ଗ ଓ ଟେକ୍ନିକାଲ ଅଫିସିଆଲ କୋର୍ସରେ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି । ଏହି ତିନିଦିନର କାର୍ଯ୍ୟକ୍ରମରେ ଏଫ୍.ଆଇ.ଏଚର ଟେକ୍ନିକାଲ୍ ଅଫିସିଆଲ ବିଶ୍ୱରଞ୍ଜନ ଷଡ଼ଙ୍ଗୀ ପରିକ୍ଷାର୍ତ୍ତୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଓ ପିପିଏଲ୍ ପାରାଦ୍ୱୀପର ଏହି ତିନିଜଣ ଛାତ୍ରଙ୍କର ହକିରେ ରୁଚି ଓ ଜ୍ଞାନର ପ୍ରଶଂସା କରିଥିଲେ। ଏହି ତିନିଜଣ ଛାତ୍ରଙ୍କ କୃତି ପାଇଁ ପିପିଏଲ୍ ପାରାଦ୍ୱୀପର ମୂଖ୍ୟ ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ସୁମିତ ସେନାପତି ଏହି ଛାତ୍ରଙ୍କୁ ସୁଭେଚ୍ଛା ପ୍ରଦାନ କରିବା ସହ ଉଜ୍ଜଳ ଭବିଷ୍ୟତର କାମନା କରିଥିଲେ ।

# ଲକ୍ଷ୍ନୌ ଏୟାରପୋର୍ଟ ଟର୍ମିନାଲ୍ ଦେଖି ଆଶ୍ଚର୍ଯ୍ୟ ହେଲେ ପିଟରସନ୍



ଲକ୍ଷ୍ନୌ, ୨୮।୪(ମହାଭାରତ) ବର୍ତ୍ତମାନ ଦେଶରେ ଆଇପିଏଲ୍ ମ୍ୟାଚ୍ ଚାଲିଥିବାରୁ ବିଦେଶୀ ଖେଳାଳିମାନଙ୍କର ଆତଯାତ ଲାଗି ରହିଛି। ନିଜ ନିଜ ଫ୍ରାଞ୍ଚାଇଜକୁ ସମର୍ଥନ କରିବାକୁ ବିଭିନ୍ନ ଦେଶରୁ ଖେଳାଳି ଆସୁଛନ୍ତି। ଏହି ଅବସରରେ ରବିବାର ଇଲଂଣ୍ଡ କ୍ରିକେଟର କେଭିନ ପିଟରସନ ଲକ୍ଷ୍ନୌ ବିମାନବନ୍ଦରରେ ପହଞ୍ଚିଥିଲେ ଆଉ ବିମାନ ବନ୍ଦରରେ ପହଞ୍ଚିବା ପରେ ଏହାର ଚକଚକ୍ୟ ଓ ସାଜସଜା ଦେଖି ସେ ଆଶ୍ଚର୍ଯ୍ୟ ଚକ୍ତିତ ହୋଇଯାଇଥିଲେ। ଲକ୍ଷ୍ନୌ ବିମାନବନ୍ଦର ଦେଖି ପ୍ରଶଂସା କରି ରହିପାରି ନଥିଲେ ପିଟରସନ ଏଭଳି ବିକାଶମୂଳକ କାର୍ଯ୍ୟ ପାଇଁ ସେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କୁ ପ୍ରଶଂସା କରିଥିଲେ ଏହାକୁ ବିଶ୍ୱସ୍ତରୀୟ ବୋଲି କହିବା ସହ ଏକ୍ସରେ ପୋଷ୍ଟକରି ତାଙ୍କ ଅନୁଭବ ଶେୟାର କରିଥିଲେ। ପିଟରସନ ଏକ୍ସ ପୋଷ୍ଟରେ ଲକ୍ଷ୍ନୌ ଏୟାରପୋର୍ଟ ଟର୍ମିନାଲରେ ଛିଡ଼ା ହୋଇ ଏକ ଫଟୋ ସହ ପୋଷ୍ଟ ଲେଖିଥିଲେ ବିମାନବନ୍ଦରକୁ ଏକ ଅତ୍ୟାଧୁନିକ ସୁବିଧାରେ ପରିବର୍ତ୍ତନ କରିବାରେ ଲୋକଙ୍କ ଉଦ୍ୟମ ପାଇଁ ଯୋଗୀ ଆଦିତ୍ୟନାଥଙ୍କୁ ଗର୍ବ ଅନୁଭବ କରିବା ଉଚିତ ବୋଲି ପିଟରସନ ଏକ୍ସରେ ଲେଖିଛନ୍ତି। ଅନନ୍ତ-ରାଧିକାଙ୍କ ଦ୍ୱିତୀୟ ପ୍ରି-ୱେଡିଂ ପାର୍ଟି, ଦକ୍ଷିଣ ଫ୍ରାନ୍ସ କ୍ରୁଜ୍ ଶିପ୍ରେ ହେବ ସେଲିବ୍ରେସନ। ପିଟରସନ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଲକ୍ଷ୍ନୌର ବ୍ରାଣ୍ଡ ନୂଆ ଏୟାରପୋର୍ଟ ଟର୍ମିନାଲରେ ଫୁଲର ସଡ଼କ ଏହା ବିଶ୍ୱସ୍ତରୀୟ ! ଏହି ସୁନ୍ଦର ରାଜ୍ୟ ପାଇଁ ସମସ୍ତେ ମିଶି ଖୁବ୍ ଅବିଶ୍ୱାସନୀୟ ପ୍ରୟାସ କରିଛନ୍ତି ମୁଁ ନିଶ୍ଚିତ ଯେ ଯୋଗୀ ଆଦିତ୍ୟ ନାଥ ଏଥିପାଇଁ ଖୁବ୍ ଗର୍ବ କରୁଥିବେ ଇଣ୍ଡିଆ। ବିକାଶିତ ହେଉଛି। ପିଟରସନଙ୍କର ଏହି ପୋଷ୍ଟ ଏବେ ଭାଇରାଲ୍ ହେଉଛି ପାଖାପାଖି ୪ ଲକ୍ଷ ଭ୍ୟୁ ମିଳିସାରିଲାଣି ଲୋକମାନେ ମଧ୍ୟ କମେଣ୍ଟ କରି ନିଜ ନଜର ମତ ରଖୁଛନ୍ତି। ପିଟରସନଙ୍କ ପୋଷ୍ଟରେ ପ୍ରତିକ୍ରିୟା ତାଙ୍କୁ ଧନ୍ୟବାଦ ଦେଇଛି ଲକ୍ଷ୍ନୌ ଡେଭଲପମେଣ୍ଟ ଇଣ୍ଡେକ୍ସ ସଂସ୍ଥା ଏକ୍ସ ପୋଷ୍ଟରେ ରିପ୍ଲାଏ ଦେଇ କହିଛି। ଏଭଳି ମନ୍ତବ୍ୟ ପାଇଁ ଧନ୍ୟବାଦ କେଭିନ ପିଟର୍ସନ ଆମେ ଆଶା କରୁଛୁ ଆପଣ ସହରରେ ରହି ଉପଭୋଗ କରିବେ।

## ଟି-୨୦ରେ ଇତିହାସ ରଚିଲେ ଆଫ୍ରିଦ

ଇସଲାମାବାଦ୍, ୨୮୪(ମହାଭାରତ) :ନ୍ୟୁଜିଲାଣ୍ଡ ବିପକ୍ଷ ପଞ୍ଚମ ଟି-୨୦ ମ୍ୟାଚରେ ପାକିସ୍ତାନ ପେସ୍ ଶାହିନ ଆଫ୍ରିଦି ଏକ ଚମତ୍କାର ରେକର୍ଡ ସୃଷ୍ଟି କରି ଟି -୨୦ କ୍ରିକେଟ ରେ ଇତିହାସ ସୃଷ୍ଟି କରିଛନ୍ତି। ଟି-୨୦ରେ ଶାହିନ ପ୍ରଥମ ଓଭରରେ ସର୍ବାଧିକ ଉଇକେଟ ନେଇ ବୋଲର ହୋଇଛନ୍ତି। ଟି-୨୦ରେ ପ୍ରଥମ ଓଭରରେ ଶାହିନ ତାଙ୍କ କ୍ୟାରିୟରରେ ମୋଟ ୫୦ ଉଇକେଟ ନେବାରେ ସଫଳ ହୋଇଛନ୍ତି। ଅର୍ଥାତ୍ ଟି-୨୦ରେ ପ୍ରଥମ ଓଭରରେ ୫୦ ଉଇକେଟ ନେଇ ଶାହିନଙ୍କ ନାମରେ ଏକ ବିଶ୍ୱ ରେକର୍ଡ ହାସଲ ହୋଇଛି। ଏହି ପ୍ରସଙ୍ଗରେ ଭାରତର ଭୁବନେଶ୍ୱର କୁମାର ଦ୍ୱିତୀୟ ସ୍ଥାନରେ ଅଛନ୍ତି ଭୁଭି ଟି-୨୦ରେ ପ୍ରଥମ ଓଭରରେ ଏପର୍ଯ୍ୟନ୍ତ ୪୩ଟି ଉଇକେଟ ନେଇଛନ୍ତି।ଶାହିନ ଆଫ୍ରିଦି ୫୦ ଉଇକେଟ, ଭୁବନେଶ୍ୱର କୁମାର ୪୩ ଉଇକେଟ, ଡେଭିଡ ଭିଲାର ୪୧ ଉଇକେଟ, ମହମ୍ମଦ ଆମିର ୩୮ ଉଇକେଟ, ସୋହେଲ ତନଭୀର ୩୫ ଉଇକେଟ।ପାକିସ୍ତାନ ଟି-୨୦ ମ୍ୟାଚକୁ ୯ ରନରେ ଜିତିବାରେ ସଫଳ ହୋଇଥିଲା। ଶାହିନ ଆଫ୍ରିଦି ପାକିସ୍ତାନ ପାଇଁ ଚମତ୍କାର ବୋଲିଂ କରିଥିଲେ ଏବଂ ୪ ଓଭରରେ ୩୦ ରନ ପାଇଁ ୪ ଉଇକେଟ ନେବାରେ ସଫଳ ହୋଇଥିଲେ।

# ଫ୍ରେଜର ମ୍ୟାକ୍‌ଗର୍କଙ୍କ ରୋଚକ କାହାଣୀ



ନୂଆଦିଲ୍ଲୀ, ୨୮।୪(ମହାଭାରତ) ଆଇପିଏଲ୍‌ର ୪୩ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଏବଂ ମୁମ୍ବାଇ ଇଣ୍ଡିଆନ୍ସ(ଏମଆଇ)ରେ ଦିଲ୍ଲୀ କ୍ୟାପିଟାଲ୍ସର ବ୍ୟାଟ୍ସମ୍ୟାନ ଜେକେ ଫ୍ରେଜର ମ୍ୟାକ୍‌ଗର୍କ ଧୂଆଁଧାର ବ୍ୟାଟିଂ କରିଛନ୍ତି। ସେ ୧୫ ବଲ୍‌ରେ ୫୦ ରନ୍ ସଂଗ୍ରହ କରିଥିବାବେଳେ ୨୭ ବଲ୍ ଖେଳି ୮୪ ରନ୍ ସଂଗ୍ରହ କରିଥିଲେ। ବଡ଼କଥା ଯେ ଆଇପିଏଲ ୨୦୨୪ରେ ଦୁଇଥର ୧୫ ବଲରେ ଅର୍ଦ୍ଧଶତକ ହାସଲ କରିଛନ୍ତି । ୨୨ ବର୍ଷୀୟ ମ୍ୟାକଗର୍କ ଏପର୍ଯ୍ୟନ୍ତ ଆଇପିଏଲ୍ ୨୦୨୪ରେ ୫ଟି ମ୍ୟାଚରେ ୨୪୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ତାଙ୍କର ଷ୍ଟ୍ରାଇକ୍ ହାର ୨୩୭.୫ ରହିଛି । ଏହି ଖେଳାଳି ୨୦୨୩ ମସିହାରେ ଅଷ୍ଟ୍ରେଲିଆ ଘରୋଇ କ୍ରିକେଟରେ ୨୯ ବଲରେ ଶତକ ହାସଲ କରିଥିଲେ। ଏହା ସହ ସେ କ୍ରିକେଟର ଯେକୌଣସି ଫର୍ମାଟରେ ଦ୍ରୁତତମ ଶତକ ସ୍କୋର କରିବା ବ୍ୟାଟ୍ସମ୍ୟାନ୍ ହୋଇଥିଲେ। ତାଙ୍କ ପୂର୍ବରୁ ଏହି ରେକର୍ଡ କ୍ରିସ ଗେଲଙ୍କ ନାମରେ ଥିଲା, ଯିଏ ଆଇପିଏଲରେ ୩୦ଟି ବଲରେ ଶତକ ହାସଲ କରିଥିଲେ। ଦିନିକିଆ କ୍ରିକେଟରେ ଏବି ଡି ଭିଲିୟର୍ସ ୩୧ ବଲରେ ୧୦୦ ରନ୍ କରିଥିବାର ରେକର୍ଡ ରହିଛି । ତେବେ ଆଜି ଆମେ ଆପଣଙ୍କୁ ଫ୍ରେଜର ମ୍ୟାକ୍‌ଗର୍କଙ୍କ ସହ ଜଡିତ ଏକ ରୋଚକ କଥା କହିବୁ ବାସ୍ତବରେ ଏକ ମାଙ୍କଡ ପାଇଁ ସେ ଅଣ୍ଡର ୧୯ ବିଶ୍ୱକପ ଟିମରୁ ବାଦ ପଡ଼ିଥିଲେ । ୨୦୨୩ ମସିହାରେ ଅନୁଷ୍ଠିତ ମାର୍ଶ କପ୍ ଟୁର୍ନାମେଣ୍ଟରେ ଦକ୍ଷିଣ ଅଷ୍ଟ୍ରେଲିଆ। ଦଳ ପାଇଁ ଖେଳୁଥିବାବେଳେ ତସମାନିଆ। ବିପକ୍ଷରେ ମାତ୍ର ୨୯ ବଲରେ ୧୦୦ ରନ୍ ସ୍କୋର କରିଥିଲେ। ସେହି ମ୍ୟାଚ୍‌ରେ ସେ ୩୮ଟି ବଲରେ ୧୨୫ ରନ୍ ସ୍କୋର କରିଥିଲେ ବଡ଼କଥା ଯେ ସେ ଅଷ୍ଟ୍ରେଲିଆ। ପାଇଁ ୨୦୨୦ରେ ଅଣ୍ଡର ୧୯ ବିଶ୍ୱକପ ଖେଳିବାର ଥିଲା । କିନ୍ତୁ ବିଶ୍ୱକପ ଆରମ୍ଭ ହେବା ପୂର୍ବରୁ ତାଙ୍କୁ ଏକ ମାଙ୍କଡ଼ କାମୁଡ଼ି ଦେଇଥିଲା, ଯେଉଁଥିପାଇଁ ତାଙ୍କୁ ଘରକୁ ଫେରିବାକୁ ପଡିଥିଲା ସେହି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ। ଦଳ ନକ୍‌ଆଉଟ୍ ପର୍ଯ୍ୟାୟରୁ ବାଦ ପଡିଥିଲା ତେବେ ମ୍ୟାକଗର୍କର ଭାଗ୍ୟ ଆଇପିଏଲ ୨୦୨୪ରେ ଚମକୁଛି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ